ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.63 Bhubaneswar Saturday 16, 2022 | ୨୫ତମ ବର୍ଷ ସଂଖ୍ୟା–୬୩ ଭୁବନେଶ୍ୱର, ଶନିବାର, ଅପ୍ରେଲ ୧୬, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

ମୋବାଇଲ୍ ପାଇଁ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ମାରିଦେଲେ ତାଙ୍କ ଦୁଇ ସାଙ୍ଗ

କୋରାପୁଟ,୧୫।୪(ପି.ଏନ) : ତିକ୍ତ ହେଉଛି କୋମଳ ବୟସର ସମ୍ପର୍କ। ଯେଉଁ ବୟସରେ ଗାଁ ଦାଣ୍ଡରେ ଧୂଳି ଖେଳିବା କଥା, ସେହି ବସୟରେ ଖେଳୁଛନ୍ତି ରକ୍ତର ହୋଲି! ସାମାନ୍ୟ ମୋବାଇଲ୍‌ରେ ଗେମ୍ ଖେଳିବାକୁ ନେଇ ଜଣେ ସପ୍ତମ ଶ୍ରେଣୀର ଛାତ୍ରଙ୍କୁ ତାଙ୍କର ଦୁଇ ସାଙ୍ଗ ପଥରରେ ଛେଚି ଅତି ବୀଭତ୍ସ ଭାବେ ହତ୍ୟା କରି ନଦୀକୁ ଫିଙ୍ଗି ଦେଇଛନ୍ତି। ମହାବିଷୁବ ସଂକ୍ରାନ୍ତିରେ ଏପରି ହୃଦୟବିଦାରକ ଘଟଣା କୋରାପୁଟ ସଦର ଥାନା ଅଞ୍ଚଳରେ ଘଟିଛି।କୋରାପୁଟ ଟାଉନ୍ ଥାନା ମସିପୁଟ ଗାଁର ପୀତବାସ ଭୋଇଙ୍କ ପୁଅ ଲୁଲୁ(୧୨) ସପ୍ତମ ଶ୍ରେଣୀରେ ପଢୁଥିଲେ। ଗୁରୁବାର ମହାବିଷୁବ ସଂକ୍ରାନ୍ତି ପାଇଁ ବନ୍ଦ ରହିଥିଲା ସ୍କୁଲ୍। ସେଥିପାଇଁ ଲୁଲୁ ଘରୁ ଯାଇ ସ୍କୁଲ ପାଖରେ ବସି ମୋବାଇଲ୍‌ରେ ଗେମ୍ ଖେଳୁଥିଲେ। ଅପରାହ୍ନ ପ୍ରାୟ ୫ଟାରେ ଦୁଇ ସାଙ୍ଗ ସେଠାକୁ ଆସିଥିଲେ। ଗେମ୍ ଖେଳିବା ପାଇଁ ସେମାନେ ଲୁଲୁକୁ ମୋବାଇଲ୍ ମାଗିଥିଲେ।ଲୁଲୁ ସେମାନଙ୍କୁ ମୋବାଇଲ୍ ଦେଇନଥିଲେ। ଯାହାଫଳରେ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଠେଲାପେଲା ହୋଇଥିଲା। ଏହାରି ଭିତରେ ଲୁଲୁଙ୍କୁ ତାଙ୍କର ଦୁଇ ସାଙ୍ଗ ମାଡ ମାରିଥିଲେ। ଏହା ପରେ ତାଙ୍କୁ ପଥରରେ ଆକ୍ରମଣ କରିଥିଲେ। ଫଳରେ ରକ୍ତାକ୍ତ ହୋଇ ଚେତା ହରାଇ ତଳେ ପଡି ଯାଇଥିଲେ ଲୁଲୁ। ଆଉ ଉଠି ପାରିନଥିଲେ।ଲୁଲୁ ମରିଯାଇଥିବା ଭାବି ଦୁଇ ସାଙ୍ଗଙ୍କ ଅକଲ୍ ଗୁଡୁମ୍ ହୋଇଯାଇଥିଲା। କ'ଣ କରିବେ ଭାବି ସଞ୍ଜ ନଇଁଲା ପରେ ଲୁଲୁଙ୍କୁ ଘୋଷାରି ଘୋଷାରି ନେଇ ନିକଟସ୍ଥ ନଦୀରେ ଫିଙ୍ଗି ଦେଇଥିଲେ। ତା'ପରେ ସୁନା ପିଲାଙ୍କ ପରି ଘରକୁ ଚାଲି ଯାଇଥିଲେ ଦୁଇସାଙ୍ଗ। ଅନ୍ୟପକ୍ଷରେ ଲୁଲୁ ଘରକୁ ନଫେରିବାରୁ ପରିବାର ଲୋକେ ଚାରିଆଡ ଖୋଜିଥିଲେ। ମାତ୍ର ତାଙ୍କ ପତ୍ତା ପାଇନଥିଲେ।ଆଜି ସକାଳେ ଲୁଲୁଙ୍କ ମୃତଦେହ ନଦୀ କୂଳରେ ଭାସୁଥିବା ଦେଖିବାକୁ ପାଇଲେ ପରିବାର ଲୋକେ। ଏନେଇ କୋରାପୁଟ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଥିଲା। ପ୍ରାଥମିକ ତଦନ୍ତରୁ ଲୁଲୁଙ୍କୁ ହତ୍ୟା କରାଯାଇଥିବା ସୁରାଗ ପାଇଥିଲା। ଏହା ପରେ ଘଟଣାର ଫ୍ଲାସ୍‌ବ୍ୟାକୁ ଯାଇଥିଲା ପୁଲିସ୍।ଗୁରୁବାର ଲୁଲୁ କଣ କରୁଥିଲେ କେଉଁଠିକି ଯାଇଥିଲେ କେତେବେଳେ ଯାଇଥିଲେ ତାଙ୍କ ସାଙ୍ଗରେ ଆଉ କେଉଁମାନେ ଥିଲେ ଏମିତି ବିଭିନ୍ନ ଦିଗରୁ ତଦନ୍ତ କରୁଥିବା ବେଳେ ଲୁଲୁର ଦୁଇ ସାଙ୍ଗ ଉପରକୁ ଯାଇଥିଲା ପୁଲିସ୍ ସନ୍ଦେହୀ ଆଖି। ପରେ ସେମାନଙ୍କୁ ଜେରା କରିବାରୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଏହି ମାମଲାରେ ପୁଲିସ୍ ଲୁଲୁଙ୍କ ଦୁଇ ସାଙ୍ଗଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି ପୁଲିସ୍।

ରାଜଧାନୀରୁ କୋକେନ୍ ଜବତ ଘଟଣା

ହକି ବିଶ୍ୱକପ୍ ଦର୍ଶକଙ୍କ ପାଇଁ ଅଣାଯାଇଥିଲା କୋକେନ୍

ଭୁବନେଶ୍ୱର, ୧୫।୪(ପି.ଏନ): ଭୁବନେଶ୍ୱରରୁ କୋକେନ୍ ମିଳିବା ଘଟଣାରେ ଚାଂଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଆଗକୁ ଓଡିଶାରେ ହକି ବିଶ୍ୱକପ୍ ଖେଳାଯିବାକୁ ଥିବା ବେଳେ ବିଦେଶୀ ଦର୍ଶକଙ୍କୁ କୋକେନ୍ ଯୋଗାଇବାକୁ ଟାର୍ଗେଟ୍ ରଖାଯାଇଥିଲା। କୋକେନ୍ କାର ବାର ନେଇ ଖୋଳତାଡ଼ ପରେ ଏହି ସୂରଚନା ପାଇଛି ଏସଟିଏଫ୍। କୋକେନ୍ ର କ୍ୱାଲିଟି ଟେଷ୍ଟ ପାଇଁ ଏସ୍‌ଟିଏଫ୍ ନମୁନା ପଠାଇଛି ।ସୂଚନା ଅନୁଯାୟୀ ଦିଲ୍ଲୀର ତୁର୍କମାନ ଗେଟ୍ ରୁ କୋକେନ୍ କାରବାର ହେଉଥିଲା। ଭୁବନେଶ୍ୱରର ଟାର୍ଗେଟ କଷ୍ଟମର ଥିଲେ ହକି ବିଶ୍ୱକପ୍ ର ଦର୍ଶକ। ବିଦେଶୀମାନଙ୍କର ଚାହିଦାକୁ ଦୃଷ୍ଟିରେ ରଖି ଗିରଫ ଅଭିଯୁକ୍ତ ରବି ଓ ସନ୍ନି ଭୁବନେଶ୍ୱରକୁ କୋକେନ୍ ଆଣିଥିଲେ। ବିଶେଷ କରି ଧନୀ ଓ ବଡ଼ ବଡ଼ କଲେଜର ସମ୍ଭ୍ରାନ୍ତ ଘରର ଛାତ୍ରଙ୍କୁ କୋକେନ୍ ଯୋଗାଇବା ମୂଳ ଲକ୍ଷ୍ୟ ଥିଲା। ଦୁଇ ଅଭିଯୁକ୍ତଙ୍କ ପାଖରୁ ସାଉଥ ଆଫ୍ରିକାର ମୁଦ୍ରା ମିଳିଥିବାରୁ ସାଉଥ ଆଫ୍ରିକା ଲିଙ୍କ ଥିବା ଏସ୍‌ଟିଏଫ୍ ସନ୍ଦେହ କରୁଛି। ଅଭିଯୁକ୍ତଙ୍କୁ ୫ଦିନିଆ ରିମାଣ୍ଡରେ ଆଣିବାକୁ ଏସ୍‌ଟିଏଫ୍ କୋର୍ଟରେ ଆବେଦନ କରିଛି। ସୂଚନାଯୋଗ୍ୟ, ଏସ୍‌ଟିଏଫ୍ ପ୍ରଥମ ଥର ପାଇଁ ରାଜଧାନୀରୁ ୨୦୨ ଗ୍ରାମ ଓଜନର କୋକେନ୍ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରାଜସ୍ଥାନ ଚୁରୁ ଜିଲ୍ଲା ହାମିରବାସ ଅଂଚଳର ରବି ସିଂ ଓ ଝୁନ୍‌ଝୁନ୍ ଜିଲ୍ଲା ଖାଡଖାଡ଼ି ଅଂଚଳର ସନ୍ନି କୁମାର। ସନ୍ନି ନୂଆପଲ୍ଲୀ ଥାନା ସାଲିଆସାହି ତାରିଣୀନଗର ଅଂଚଳରେ ରୁହେ। ଜବତ କୋକେନ୍ ର ମୂଲ୍ୟ ୨କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ତେବେ କୋକେନ୍ ଜବତ ଘଟଣା ରାଜ୍ୟରେ ପ୍ରଥମ।

କାଳବୈଶାଖୀ ପାଇଁ ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୧୫।୪(ପି.ଏନ):ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କିଛି ଜିଲ୍ଲାରେ ଘଡଘଡି ବିଜୁଳି ସହ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି। କୋରାପୁଟ, ରାୟଗଡ଼ା, କନ୍ଧମାଳ, ଗଜପତି, ଗଂଜାମ, ନୟାଗଡ଼, ଓ ଖୋର୍ଦ୍ଧା ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ଓ ପବନ ବର୍ଷା କାଳବୈଶାଖୀର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ଏକ ସତର୍କ ସୂଚନାରେ କୁହାଯାଇଛି। ଏହାକୁ ଦୃଷ୍ଟିରେ ରଖି ଏହି ୭ଟି ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର।ସେହିପରି ୧୬ରୁ ୧୭ ତାରିଖ ମଧ୍ୟରେ ରାଜ୍ୟର ମାଲକାନଗିରି , କୋରାପୁଟ, ରାୟଗଡା, ନବରଙ୍ଗପୁର, କନ୍ଧମାଳ, ଗଜପତି ଓ ଗଂଜାମ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୨୪ ଘଂଟା ମଧ୍ୟରେ ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଂଚଳରେ ଆକାଶ ମେଘୁଆ ରହିବା ସହ ଅପରାହ୍ନ/ ସନ୍ଧ୍ୟା ଆଡ଼କୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତର ସମ୍ଭାବନା ସହିତ ଆକାଶ ଆଂଶିକ ମେଘୁଆ ରହିବ। କିଛି ଆଭ୍ୟନ୍ତରୀଣ ଜିଲ୍ଲାକୁ ଛାଡିଲେ ଅନ୍ୟ କୌଣସି ସ୍ଥାନରେ ତାପମାତ୍ରାରେ ବିଶେଷ ପରିବର୍ତନ ହେବାର ସମ୍ଭାବନା ନାହିଁ।

ଗୋଟିଏ ଦିନରେ ୧୭ କରୋନା ଆକ୍ରାନ୍ତ ଚିହ୍ନଟ, ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୯୦୨

ଭୁବନେଶ୍ୱର, ୧୫।୪(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୯୦୨ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୬୦୫ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୨୧ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୭ ଜଣଙ୍କ ମଧ୍ୟରୁ ୧୦ ଜଣ ସଂଗରୋଧରୁ ହୋଇଥିବା ବେଳେ ୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୬ ଜଣ ତଥା କଳାହାଣ୍ଡି ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡା ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

୪୦ ଉପରେ ୧୬ ସହର

ଭୁବନେଶ୍ୱର, ୧୫।୪(ପି.ଏନ): ରାଜ୍ୟରେ ଗ୍ରୀଷ୍ମଲହରୀ ଜାରୀ ରହିଛି। ଶୁକ୍ରବାର ବାରିପଦାରେ ରାଜ୍ୟର ସର୍ବାଧିକ ୪୩.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।ଆଜି ରାଜ୍ୟର ୧୬ଟି ସହରର ତାପମାତ୍ର ୪୦ ଡିଗ୍ରୀ ଉପରେ ରେକର୍ଡ ହୋଇଛି । ପାଣିପାଗ ବିଭାଗ ସୂଚନା ଅନୁସାରେ ଆଜି ସୋନପୁରରେ ୪୩.୨ ଡିଗ୍ରୀ ,ବଲାଙ୍ଗୀରରେ ୪୩.୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଅନୁଗୁଳରେ ୪୨.୯, ଝାରସୁଗୁଡ଼ାରେ ୪୨.୭, କେନ୍ଦୁଝରରେ ୪୦.୩, ସମ୍ବଲପୁରରେ ୪୧.୮, ସୁନ୍ଦରଗଡ଼ରେ ୪୨.୦, ହୀରାକୁଦରେ ୪୦.୬, ତାଳଚେରରେ ୪୧.୬, ଭବାନୀପାଟଣାରେ ୪୦.୮, ଟିଟିଲାଗଡ଼ରେ ୪୧.୮, ମାଲକାନଗିରିରେ ୪୦.୦, ବୌଦ୍ଧରେ ୪୨.୫ ଓ ପାରଲାଖେମୁଣ୍ଡିରେ ୪୧.୦ ଡିଗ୍ରି ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଆଜି ଭୁବନେଶ୍ୱରରେ ୩୮.୨ ଓ କଟକରେ ୩୯.୦ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି।

ଜେ.ଏନ୍.ୟୁ ରେ ହିଂସା ପ୍ରତିବାଦରେ ବାମପନ୍ଥୀ ଛାତ୍ର ସଂଘ ଓ ଛାତ୍ର କଂଗ୍ରେସର ମିଳିତ ବିକ୍ଷୋଭ

ଭୁବନେଶ୍ୱର, ୧୫।୪(ପି.ଏନ): ଦେଶର ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଜେ.ଏନ୍.ୟୁ ରେ ଗତ ୧୦ ତାରିଖରେ ଏ.ବି.ଭି.ପି. ଦ୍ୱାରା ସାଧାରଣ ଛାତ୍ରଛାତ୍ରୀ ଓ ଅଧ୍ୟାପକଙ୍କ ଉପରେ ହୋଇଥିବା ଆକ୍ରମଣ ପ୍ରତିବାଦରେ ଭୁବନେଶ୍ୱରଠାରେ ୪ଟି ବାମପନ୍ଥୀ ଛାତ୍ରସଂଗଠନ ଓ ଛାତ୍ର କଂଗ୍ରେସ ପକ୍ଷରୁ ମିଳିତ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା, ନିଯୁକ୍ତି ଓ ଦରବୃଦ୍ଧି ପ୍ରସଙ୍ଗକୁ ଏଡ଼ାଇବା ଓ କ୍ୟାମ୍ପସର ସାମ୍ପ୍ରଦାୟିକରଣ ପାଇଁ ଧର୍ମ ନାମରେ ଆର.ଏସ.ଏସ୍. - ବିଜେପି - ଏବିଭିପି ଦ୍ୱାରା ହୀନ ରାଜନୀତି କରାଯାଉଛି । କିଏ କ'ଣ ଖାଇବ, ଏହା ତା'ର ବ୍ୟକ୍ତିଗତ ପସନ୍ଦ, ଯାହା ସମ୍ବିଧାନ ପ୍ରଦତ ଅଧିକାର। ଏଥିରେ ହସ୍ତକ୍ଷେପ କରିବା ଅର୍ଥ ସମ୍ବିଧାନର ଅବମାନନା ଓ ଏକଛତ୍ରବାଦୀ ତାଲିବାନ ଶାସନର ପଦଧ୍ୱନୀ। ଜେ.ଏନ୍.ୟୁ. ଏକ ମୁକ୍ତ ଚିନ୍ତନର ବିଶ୍ୱବିଦ୍ୟାଳୟ, ଯେଉଁଠାରୁ ସର୍ବାଧିକ ଆଇ.ଏ.ଏସ୍., ଆଇ.ପି.ଏସ୍., ବୈଜ୍ଞାନିକ ଓ ସର୍ବଭାରତୀୟ ଜନନେତା ତିଆରି ହୋଇଛନ୍ତି ଏପରିକି ନୋବେଲ୍ ବିଜେତା ଅଭିଜିତ୍ ବାନାର୍ଜୀ ମଧ୍ୟ ଜେ.ଏନ୍.ୟୁର ଛାତ୍ର। ଏହି ବିଶ୍ୱବିଦ୍ୟାଳୟକୁ ପାଖାପାଖି ୧୯୨ଟି ଦେଶର ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ଆସିଥାଆନ୍ତି । ଏଭଳି ଏକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ବାରମ୍ବାର ସରକାରୀ ପ୍ରାୟୋଜିତ ହିଂସାର ଶିକାର ହୋଇଆସୁଛି । ଜେ.ଏନ୍.ୟୁର ସାମ୍ପ୍ରଦାୟିକତା ବନ୍ଦ କରି ହିଂସାକାଣ୍ଡ ଘଟଣାଇଥିବା ସମସ୍ତ ଅପରାଧିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଏ.ଆଇ.ଏସ୍.ଏଫ୍., ଏନ୍.ଏସ୍.ୟୁ.ଆଇ, ଏ.ଆଇ.ଏସ୍.ବି., ଏ.ଆଇ.ଏସ୍.ଏ. ପ୍ରମୁଖ ଛାତ୍ର ସଂଗଠନ ପକ୍ଷରୁ ମିଳିତ ଭାବରେ ଭୁବନେଶ୍ୱରସ୍ଥ ମାଷ୍ଟରକ୍ୟାଂଟିନ୍‌ଠାରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏ.ଆଇ.ଏସ୍.ଏଫ୍. ରାଜ୍ୟ ସଭାପତି ସଂଘମିତ୍ରା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶରେ ଏନ୍.ଏସ୍.ୟୁ.ଆଇର ସଭାପତି ୟାସିର୍ ନଓ୍ୱାଜ୍, ଏ.ଆଇ.ଏସ୍.ଏ.ର ମଧୁସୁଦନ ସେଠୀ, ଏ.ଆଇ.ଏସ୍.ବି.ର ସନ୍ତୋଷୀ ନାୟକ, ଏ.ଆଇ.ଓ୍ୱାଇ.ଏଫ୍.ର ସାଧାରଣ ସମ୍ପାଦକ ଥିରୁମଲାଇ ରମଣ, ଜେ.ଏନ୍.ୟୁର ପ୍ରାକ୍ତନ ଛାତ୍ର ସୁଧିର ପଟ୍ଟନାୟକ, ଏ.ଆଇ.ଏଫ୍.ବି.ର ରାଜ୍ୟ ସମ୍ପାଦକ ଜ୍ୟୋତିରଂଜନ ମହାପାତ୍ର, ସି.ପି.ଆଇ. ଜାତୀୟ ନେତା ରାମକୃଷ୍ଣ ପଣ୍ଡା, ଜୟନ୍ତ ଦାସ ପ୍ରମୁଖଙ୍କ ସମେତ ବହୁ ଛାତ୍ରଛାତ୍ରୀ ଏହି ବିକ୍ଷୋଭରେ ସାମିଲ୍ ହୋଇଥିଲେ ।

ଚିଲିକା ବୁଲିଲେ ବିଧାୟକ

ଭୁବନେଶ୍ୱର, ୧୫।୪(ପି.ଏନ): ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ନେତୃତ୍ୱରେ ରାଜ୍ୟର ବିଧାୟକ ମାନେ ଶୁକ୍ରବାର ଦିନ ଚିଲିକା ଗସ୍ତରେ ଯାଇଛନ୍ତି । ସେମାନେ ସେଠାରେ କାଳିଜାଇ ଦର୍ଶନ କରିବା ସହ ନୌସେନାର ସମରାଭ୍ୟାସ ଦେଖିବେ ବୋଲି ଜଣା ପଡିଛି ।

ନିରଞ୍ଜନଙ୍କୁ ଦାୟିତ୍ୱମୁକ୍ତ କରିବାକୁ ଚାହୁଁଛି କଂଗ୍ରେସ

ଭୁବନେଶ୍ୱର୧୫।୪(ପି.ଏନ): ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ପୁଣିଥରେ ରିପିଟ୍ କରିବା ସପକ୍ଷରେ କଂଗ୍ରେସ ନଥିବା ଜଣାପଡିଛି। ଏଥିପାଇଁ ଆସନ୍ତା ସପ୍ତାହରେ ଓଡିଶା ପିସିସି ପ୍ରଭାରୀ ତଥା ସାଂସଦ ଏ ଚେଲାକୁମାର ଓଡିଶା ଗସ୍ତରେ ଆସି ଦଳର ବିଧାୟକ ଓ ବରିଷ୍ଠ ନେତାମାନଙ୍କ ସହ ବିଚାରବିମର୍ଶ କରିବେ ବୋଲି ସୂଚନା ମିଳିଛି ।ଓଡିଶା ପିସିସି ପ୍ରଭାରୀ ଏ ଚେଲାକୁମାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ନିରଞ୍ଜନ ପଟ୍ଟନାୟକ ପିସିସି ସଭାପତି ପଦବୀରୁ ଇସ୍ତଫା ଦେଇସାରିଛନ୍ତି । ଆସନ୍ତା ସପ୍ତାହରେ ସେ ନିଜେ ଓଡିଶା ଆସି ଦଳର ବିଧାୟକ ଓ ନେତାମାନଙ୍କ ସହ କଥା ହେବେ । ସମସ୍ତ ବିଧାୟକଙ୍କ ସହ ସିଧାସଳଖ ଆଲୋଚନା କରିବେ । ସମସ୍ତଙ୍କ ମେରିଟ୍ ଓ ଡିମେରିଟ୍ ଦେଖାଯିବ । ଯିଏ ଗ୍ରହଣୀୟ ହେବେ ସେ ଅନୁସାରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ । ୨୦୧୯ ସାଧାରଣ ନିର୍ବାଚନ ପରେ ନିରଞ୍ଜନ ପଟ୍ଟନାୟକ ପିସିସି ସଭାପତି ପଦ ଛାଡିବାକୁ ଚାହିଁଥିଲେ, କିନ୍ତୁ ପଂଚାୟତ ଓ ପୌର ନିର୍ବାଚନ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ତାଙ୍କୁ କୁହାଯାଇଥିଲା । ତେବେ ପିସିସି ସଭାପତି ପରିବର୍ତ୍ତନ ପାଇଁ ବିଧାୟକମାନେ ଦିଲ୍ଲୀ ଆସିବା ନେଇ କୌଣସି ନିଷ୍ପତ୍ତି ହୋଇନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଆହୁରି ପଢ଼ନ୍ତୁ ଉଲ୍ଲେଖଯୋଗ୍ୟ, ପିସିସି ସଭାପତି ନିରଞ୍ଜନ ଗତକାଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ପ୍ରତି ଦୁଇତିନି ବର୍ଷରେ କଂଗ୍ରେସରେ ପିସିସି ନେତୃତ୍ୱ ପରିବର୍ତ୍ତନ ହୋଇଥାଏ । ଏଆଇସିସି ଯେତେ ଶୀଘ୍ର ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେବେ ଦଳ ପାଇଁ ସେତେ ଭଲ ହେବ । ପିସିସି ସଭାପତି ଦାୟିତ୍ୱ କାହାକୁ ଦିଆଯିବ ସେ ନିଷ୍ପତ୍ତି ଏଆଇସିସି ନେବ । ଯେତେଶୀଘ୍ର ନିଷ୍ପତ୍ତି ହେବ, ତାହା ରାଜ୍ୟରେ ଦଳ ପାଇଁ ଭଲ ବୋଲି ନିରଞ୍ଜନ କହିଥିଲେ ।ସୂଚନାଯୋଗ୍ୟ, ପିସିସି ସଭାପତି ପରିବର୍ତ୍ତନ ନେଇ କଂଗ୍ରେସରେ ଦିନକୁ ଦିନ କନ୍ଦଳ ବଢିବାରେ ଲାଗିଛି ।

ହାତ ଧରାଧରି ହୋଇ ଚାଲିଗଲେ ମାଆ ପୁଅ

ବାସୁଦେବପୁର ,୧୫।୪(ପି.ଏନ): ପୁଅ ଚିତ୍କାର ଶୁଣି ଧାଇଁ ଯାଇଥିଲେ ମାଆ। ହେଲେ ମାଆର ମମତା ବୁଝି ପାରିଲାନି ଅଦୃଶ୍ୟ ଶକ୍ତି। ପୁଅ ସହିତ ମାଆ ମଧ୍ୟ ଚାଲିଗଲେ ଅଫେରା ରାଇଜକୁ। ଏବେ ଶୋକରେ ବୁଡିଛି ଗାଁ। ଆଜି ଅପରାହ୍ନରେ ଏପରି ହୃଦୟବିଦାରକ ଘଟଣା ଭଦ୍ରକ ଜିଲ୍ଲା ଅଞ୍ଚଳରେ ଘଟିଛି।କସିଆ ସାମୁଦ୍ରିକ ଥାନା ସାନକୃଷ୍ଣପୁର ଗାଁ ଲକ୍ଷ୍ମୀମଣୀ ନାୟକ ଘଷି ତିଆରି ପାଇଁ ଗୋବରରେ ଟୁଲୁ ପମ୍ପରେ ପାଣି ଦେଉଥିଲେ। ତେବେ ଠିକ୍? ପାଣି ମୋଟର ହଠାତ ବନ୍ଦ ହୋଇଯାଇଥିଲା। ଲକ୍ଷ୍ମୀଙ୍କ ପୁଅ ସପନ(୧୪) ପାଣି ମୋଟର ତାରକୁ ଛୁଇଁ ଦେଇଥିଲେ। ଯାହା ଫଳରେ ସେ ବିଦ୍ୟୁତ ସଂସ୍ପର୍ଶରେ ଆସି ଯାଇଥିଲେ। ଚିତ୍କାର ଶୁଣି ପୁଅକୁ ଉଦ୍ଧାର କରିବା ପାଇଁ ମାଆ ଧାଇଁ ଆସିଥିଲେ।ପୁଅକୁ ଉଦ୍ଧାର କରୁଥିଲା ବେଳେ ମାଆ ମଧ୍ୟ ବିଦ୍ୟୁତ ସଂସ୍ପର୍ଶରେ ଆସି ଯାଇଥିଲେ। ଉଭୟ ଚେତା ହରାଇ ପଡି ଯାଇଥିଲେ। ପରିବାର ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

ଜନଜାତିବର୍ଗଙ୍କ ସାମ୍ବିଧାନିକ ଅଧିକାର ଛଡ଼ାଇ ନେଇଛନ୍ତି ରାଜ୍ୟ ସରକାର: ବିଜେପି

ଭୁବନେଶ୍ୱର, ୧୫।୪(ପି.ଏନ): ଜନଜାତି ସଂପ୍ରଦାୟଙ୍କ ସଶକ୍ତିକରଣ ଏବଂ ସେମାନଙ୍କ ପରଂପରାର ସଂରକ୍ଷଣ ପାଇଁ ମୋଦି ସରକାର ସଂକଳ୍ପବଦ୍ଧ । ମୋଦୀ ସରକାର ଜନଜାତିଙ୍କ ବିକାଶ ପାଇଁ କେନ୍ଦ୍ର ବଜେଟ୍‌ରେ ୪ଗୁଣା ବୃଦ୍ଧି କର

ଟି ଟାଇମ୍

ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଛଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶ୍ରେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

ପୁରାଣ କାହାଣୀ

ପଣ୍ଡୁ ଓଷା

ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବ୍ୟେଦ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

ପଠାଣି ସାମନ୍ତ

ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି। ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ,

ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଟ୍ଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି। ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ବୃଷ — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

ବିଛା — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

ଧନୁ — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

ମକର — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

କୁମ୍ଭ — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

ମୀନ — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସିଂହ ସହିତ ବନ୍ଧୁତା

ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଙ୍କା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରଓ୍ୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ୍‌ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ

ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ। ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପଯୋଗୀ ହେବା ପରେ ଏହାକୁ ଫୋଫାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ

ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗ

ରମଜାନ ରୋଜା (ଉପବାସ)ର ମହତ୍ତ୍ୱ

"କେଡ଼େ ଆନନ୍ଦର ମାସ ଆସିଲା ସାରା ସଂସାର ଆନନ୍ଦେ ହସିଲା,
ଅଲ୍ଲାହ ପାଦ ତଳେ ଯା'ର ଭକତି ତା'ର ହୃଦୟ ଆନନ୍ଦେ ନାଚୁଛି ।"

ଆରବୀ ଶବ୍ଦ ରମଜାନ ଯାହାର ଆକ୍ଷରିକ ଅର୍ଥ ହେଲା ଜଳିଯିବା ଅର୍ଥାତ୍ ଯେଉଁ ମାସରେ ଧର୍ମ କର୍ମଦ୍ୱାରା ପାପରାଶି ଜଳିଯାଏ । ଇସଲାମି ହିଜରି କ୍ୟାଲେଣ୍ଡର ଅନୁସାରେ ରମଜାନ ମାସ ଇସଲାମି ମାସର ନବମ ମାସ ଅର୍ଥାତ୍ ଶାବାନ୍ ମାସର ପରବର୍ତ୍ତୀ ଏବଂ ଶୱାଲର ପୂର୍ବବତୀ ମାସ ଅଟେ । ଏହି ମାସରେ ଅଲ୍ଲାହଙ୍କ ନିକଟତା ପ୍ରାପ୍ତି ଉଦ୍ଦେଶ୍ୟରେ ଇସଲାମି ଧର୍ମାବଲମ୍ବୀ ମାସ ସାରା ସକାଳ ସୂର୍ଯ୍ୟଦୟ ପୂର୍ବଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ରୋଜା (ଉପବାସ) ରଖିଁ ତଥା ଅନ୍ୟ ଦିନ ଅପେକ୍ଷା ଅଧିକ ଧର୍ମ-କର୍ମ କରିଥାନ୍ତି ।

ପବିତ୍ର ରମଜାନରେ ରୋଜାର ମହତ୍ତ୍ୱ ବର୍ଣ୍ଣନା କରିବାକୁ ଯାଇ ଅଲ୍ଲାହ୍ ତାଲା ପବିତ୍ର କୋରାନ୍‌ରେ କହିଛନ୍ତି : ''ହେ ବିଶ୍ୱାସକାରୀମାନେ ! ତୁମମାନଙ୍କ ପାଇଁ ରୋଜା ରଖିବା ମଧ୍ୟ ସେହିପରି ଧାର୍ଯ୍ୟ କରାଯାଇଛି ଯେପରି ତୁମମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କ ସକାଶେ ଏହା ଧାର୍ଯ୍ୟ କରାଯାଇଥିଲା, ଫଳରେ ତୁମେମାନେ ଆଧ୍ୟାତ୍ମିକ ଓ ନୈତିକ ଦୁର୍ବଳତାଜନିତ ତ୍ରୁଟିରୁ ରକ୍ଷା ପାଇବ । ସୁତରାଂ ତୁମେମାନେ ରୋଜା ରଖ କେତେକ ନିର୍ଦ୍ଦିଷ୍ଟ ଦିନରେ । ଏବଂ ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ରୋଗୀ ଥାଏ ବା ଯାତ୍ରା କରୁଥାଏ ତେବେ ତାହାକୁ ଅନ୍ୟଦିନ ମାନଙ୍କରେ ସେହି ନିର୍ଦ୍ଦିଷ୍ଟ ସଂଖ୍ୟା ପୂରଣ କରିବାକୁ ହେବ । ଏବଂ ଯେଉଁମାନେ ଏହା ଅର୍ଥାତ୍ କ୍ଷତିପୂରଣ ଦେବାକୁ ସମର୍ଥ ସେମାନେ କ୍ଷତିପୂରଣ ସ୍ୱରୂପ ଜଣେ ଲେଖାଏଁ ଦରିଦ୍ରଲୋକଙ୍କୁ ଖାଇବାକୁ ଦେବା ବିଧେୟ । ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ଆଜ୍ଞାପାଳନ କରି କୌଣସି ପୁଣ୍ୟ କାର୍ଯ୍ୟ କରିବ ଏହା ତା ପକ୍ଷରେ ଉତ୍କୃଷ୍ଟ ହେବ । ଏବଂ ଯଦି ତୁମେ ଜାଣିଥାଅ ତେବେ ବୁଝିପାରିବ ଯେ ରୋଜା ରଖିବା ତୁମମାନଙ୍କ ପକ୍ଷରେ ଉତ୍କୃଷ୍ଟତର ।''

ଇସଲାମ ଧର୍ମର ସଂସ୍ଥାପକ ହଜରତ୍ ମୁହମ୍ମଦ ମୁସ୍ତଫା ସ୍ୱାଲ୍ଲଲ୍ଲାହୁ ଅଲୈହି ୱ୍ ସଲ୍ଲମ୍ ରୋଜାର ମହତ୍ତ୍ୱ ଏହି ଭଳି ବର୍ଣ୍ଣନା କରନ୍ତି : ହଦିଦ୍ ରେ ବର୍ଣ୍ଣିତ ଅଛି : ହଜରତ୍ ମୁହମ୍ମଦ ସଲ୍ଲମ୍‌ଙ୍କ ଅନୁଚର ହଜରତ୍ ଅବୁ - ହୁରେରା ରଜିଅଲ୍ଲାହୁ ଅନହୁ ବର୍ଣ୍ଣନା କରିଁ ଯେ ପୈଗମ୍ବର ହଜରତ୍ ମୁହମ୍ମଦ ସଲ୍ଲମ୍ କହିଛିଁ, ଗୌରବମୟ ଅଲ୍ଲାହ କୁହିଁ- ଉପବାସ ବ୍ୟତୀତ ମନୁଷ୍ୟର ପ୍ରତ୍ୟେକ ପୁଣ୍ୟ କାର୍ଯ୍ୟ ତା ନିଜ ପାଇଁ କିନ୍ତୁ ରୋଜା ବା ଉପବାସ କେବଳ ମୋ ପାଇଁ ଏବଂ ମୁଁ ହିଁ ତାଙ୍କୁ ତା'ର ପୁରସ୍କାର (ଫଳ) ଦେବି । ରୋଜା ହେଉଛି ଏକ ପ୍ରକାର କବଚ ଅତଏବ ଯେତେବେଳେ ତୁମେମାନେ ରୋଜା ରଖୁଥାଅ ସେତେବେଳେ ଅନାବଶ୍ୟକ ପାଟିତୁଣ୍ଡ କରନାହିଁ କିମ୍ବା କୌଣସି ଅଶ୍ଳୀଳ ଶବ୍ଦ ଜିଭରେ ଆଣ ନାହିଁ । ବରଂ ଯଦି କେହି ତୁମ ସହ ଦୁର୍ବ୍ୟବହାର କରିଁ କିମ୍ବା ଗାଳିଗୁଲଜ କରିଁ ତେବେ କୁହ ଯେ ମୁଁ ଉପବାସରେ ଅଛି । ମନେରଖ ମୁଁ ଶପଥ ନେଇ କହୁଛି ଯାହା ହାତରେ ମୁହମ୍ମଦଙ୍କ ଜୀବନ ଅଛି ରୋଜେଦାର (ଉପବାସ କରିଥିବା ବ୍ୟକ୍ତି) ଙ୍କ ପାଟିର ଗନ୍ଧ ଅଲ୍ଲାହଙ୍କୁ କସ୍ତୁରୀ ଠାରୁ ମଧ୍ୟ ଅଧିକ ପ୍ରିୟ । (ବୁଖାରୀ, ମୁସଲିମ୍)

ଜାଣିରଖିବା ଉଚିତ, ଇସଲାମର ତୃତୀୟ ସ୍ତମ୍ଭ ହେଉଛି ରୋଜା ଲୋକମାନେ ମଧ୍ୟ ରୋଜାର ବାସ୍ତବତା ସହିତ ଅପରିଚିତ, ବାସ୍ତବତା ହେଉଛି ଯେଉଁ ଦେଶକୁ ମନୁଷ୍ୟ ଯାଇ ନଥାଏ କିମ୍ବା ଯେଉଁ ସଂସାର ବିଷୟରେ ସେ କିଛି ଜାଣି ନାହିଁ କିମ୍ବା ପରିଚିତ ନୁହେଁ ସେ ଦେଶର ସ୍ଥିତିକୁ ସେ ବା କ'ଣ ବର୍ଣ୍ଣନା କରିବ ।

ରୋଜା କେବଳ ସେତିକି ନୁହେଁ ଯେଉଁଥିରେ ବ୍ୟକ୍ତି କେବଳ ଭୋକିଲା ଏବଂ ଶୋଷିଲା ରହେ ବରଂ ଏହାର ବାସ୍ତବତା ଏବଂ ଏହାର ପ୍ରଭାବ ହେଉଛି ଯାହା ଅନୁଭବ ଦ୍ୱାରା ଜାଣି ହୁଏ । ମାନବିକ ସ୍ୱଭାବରେ ଅଛି ଯେ ଯେତେ କମ୍ ଖାଏ, ତା'ର ଆତ୍ମା ଅଧିକ ଶୁଦ୍ଧ ହୋଇଯାଏ ଏବଂ ଆଧ୍ୟାତ୍ମିକ ଶକ୍ତି ବୃଦ୍ଧି ପାଇଥାଏ ।

ଏଥିରେ ଅଲ୍ଲାହ୍ ତାଲାଙ୍କ ରହସ୍ୟ ରହିଛି ଗୋଟିଏ ଖାଦ୍ୟ ହ୍ରାସ କରି ଅନ୍ୟଟି ବୃଦ୍ଧି କର । ରୋଜା ରଖିବା ଲୋକ ନିଜ ସମ୍ମୁଖରେ ସର୍ବଦା ଏହି ଲକ୍ଷ୍ୟ କରିବା ଉଚିତ୍ ଯେ ରୋଜାର ଅର୍ଥ କେବଳ ଭୋକିଲା ରହିବା ନୁହେଁ ବରଂ ଅଲ୍ଲାହଙ୍କ ନାମ ଜପ କରି ସେଥିରେ ମଗ୍ନ ରହିବା ଉଚିତ୍ । ତେଣୁ ମନେରଖିବା ଉଚିତ୍ ଯେ ଉପବାସର ଉଦ୍ଦେଶ୍ୟ ହେଉଛି ମନୁଷ୍ୟ କେବଳ ଶରୀରକୁ ପୋଷଣ କରୁଥିବା ଖାଦ୍ୟ ଛାଡ଼ି ଅନ୍ୟ ଖାଦ୍ୟ ଗ୍ରହଣ କରୁ ଯଦ୍ୱାରା ଆତ୍ମା ସ'ୁଷ୍ଟି ପ୍ରାପ୍ତି ହୁଏ । ଯେଉଁମାନେ ଲୋକଦେଖାଣିଆ ନୁହେଁ ବରଂ କେବଳ ଈଶ୍ୱରଙ୍କ ନିକଟତା ପାଇଁ ଉପବାସ ରଖିଁ ସେମାନେ ଆଲ୍ଲାଙ୍କ ପ୍ରଶଂସା ଗାନ କରିବା ଏବଂ ଜପ - ତପ ରେ ମଗ୍ନ ରହିବା ଉଚିତ୍ ଯଦ୍ୱାରା ଦ୍ୱିତୀୟ ଆଧ୍ୟାତ୍ମିକ ଖାଦ୍ୟ ତାଙ୍କୁ ପ୍ରାପ୍ତି ହେବ । ରମଜାନ ରୋଜା ର ଗୋଟିଏ ମହାନ ଉଦ୍ଦେଶ୍ୟ ଭୋକିଲା ର ଭୋକ ନିବାରଣ ମଧ୍ୟ ଅଟେ । ଗୋଟିଏ ଭୋକିଲା ଲୋକ ଅନ୍ୟ ଭୋକିଲା ପେଟର ଜ୍ୱଳ'କୁ ବୁଝିପାରିବ । ଅତଏବ ଦାନ ଧର୍ମ କରିବା ଅସହାୟ ଗରିବ ଓ ଭୋକିଲାର ଭୋକ ନିବାରଣ କରିବା କ୍ଷେତ୍ରରେ ମନୁଷ୍ୟ ଅଗ୍ରସର ହେଲେ ପବିତ୍ର ରମଜାନରେ ରୋଜାର ମହାନ୍ ଉଦ୍ଦେଶ୍ୟ ପୂର୍ଣ୍ଣ ହେବ ।

ହଲିମ ଖାନ, ମଙ୍ଗଳାବାଗ, କଟକ, ମୋ: ୯୪୩୧୩୨୦୨୭୨

ମାଫିଆଙ୍କ କବ୍‌ଜାରେ ରାଜଧାନୀର ଅନାବାଦୀ, ଗୋଚର ଜମି

ଭୁବନେଶ୍ୱର (ପିଏନ୍): ରାଜ୍ୟ ରାଜଧାନୀ ଓ ଏହାର ଉପକଣ୍ଠରେ ଏବେ ଜମି ମାଫିଆଙ୍କ ପ୍ରାଦୁର୍ଭାବ ଚରମସୀମାରେ ପହଂଚିଛି । ସରକାରୀ ଜମି ଜବରଦଖଲ, ସାଧାରଣ ଜନତାଙ୍କ ଜମି ଉପରେ ବେଆଇନ୍ କବ୍‌ଜା ସହ ତାହାକୁ ନିଜ ନାମରେ ପ୍ଲଟ୍ କରି ବିକୁଛନ୍ତି ଜମି ମାଫିଆ । ଭୁବନେଶ୍ୱରରେ ଶାସନ କଳ, ଅମଲା ଓ ପୋଲିସ ବିଭାଗ ଥିବା ସତ୍ତ୍ୱେ ସେମାନଙ୍କ ନାକ ତଳେ ଚାଲିଛି ଏଭଳି ବେଆଇନ ଜମି ହଡ଼ପ । ତାହାର ଏକ ଉଦାହରଣ ନାରଗୋଦା ଓ ଘଙ୍ଗାପାଟଣାରେ ଦେଖିବାକୁ ମିଳିଛି । ଏହାର ପ୍ରତିବାଦ ସ୍ୱରୂପ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟ ସଭାପତି ଡକ୍ଟର ସ୍ମୃତିରଂଜନ ଲେଙ୍କାଙ୍କ ନେତୃତ୍ୱରେ ଡିସିପି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଡକ୍ଟର ସ୍ମୃତିରଂଜନ ଲେଙ୍କା କହିଛନ୍ତି ଯେ, ରାଜଧାନୀ ଭୁବନେଶ୍ୱର ଓ ଏହାର ଆଖପାଖ ଅଂଚଳରେ ମାଫିଆ ଓ ଚିଟ୍‌ଫଣ୍ଡ ଦଲାଲମାନେ ଅବାଧରେ ବେଆଇନ୍ ଜମି କାରବାର ଚଳାଇଛନ୍ତି । ସେମାନଙ୍କ କବ୍‌ଜାରେ ଅନାବାଦୀ ଓ ଗୋଚର ଜମି । ସେମାନେ ସରକାରୀ ଜମି ଜବରଦଖଲ କରୁଛନ୍ତି । ଭୟ ଦେଖାଇ ନିରୀହ ଜନତାଙ୍କ ଜମିକୁ ହଡ଼ପ କରୁଛନ୍ତି । ନେତା-ମନ୍ତ୍ରୀ, ଅମଲା, ପୋଲିସ ବାବୁଙ୍କ ସହଯୋଗ ବିନା ଜମି ମାଫିଆମାନେ ଏଭଳି ବେଆଇନ୍ କାରବାର କରିବା ସମ୍ଭବ କି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ଲେଙ୍କା ।

ଏବେ ମାଫିଆମାନଙ୍କର ଏଭଳି ବେଆଇନ କାରବାରର ଶିକାର ହୋଇଛନ୍ତି ନାରଗୋଦା ଓ ଘଙ୍ଗାପାଟଣା ଗ୍ରାମବାସୀ । ସେମାନଙ୍କ ଅଭିଯୋଗ ହେଉଛି ଯେ ଶ୍ରୀକ୍ରିଷ୍ଣା କନ୍‌ଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ବ୍ରହ୍ମାନନ୍ଦ ମଙ୍ଗରାଜ ଏଭଳି ବେଆଇନ୍ ଜମି କାରବାରରେ ଲିପ୍ତ ଅଛନ୍ତି । ନାରଗୋଦାରେ ଥିବା ୪.୫୭୫ ଏକର (ପ୍ଲଟ୍ ନଂ-୬୧, ସୁବୁଦ୍ଧିପୁର) ଲିଜ୍ ଜମିକୁ ଚଂଚକତା କରି ଘରବାଡ଼ି ଓ ସ୍ଥିତିବାନ କରି ପ୍ରାୟ ୩୦ କୋଟି ଟଙ୍କାରେ ବିକ୍ରି କରିଛନ୍ତି । ଏହି ଜମି ସଂଲଗ୍ନ ସରକାରୀ ଅନାବାଦୀ ଓ ଗୋଚର ଜମିକୁ ମଧ୍ୟ ଜବରଦଖଲ କରିଛନ୍ତି । ଏହାର ବିରୋଧ କଲେ ଗ୍ରାମବାସୀଙ୍କୁ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଧମକାଇବା ଓ ମିଛ କେସ୍‌ରେ ଫସାଇବାର ଭୟ ଦେଖାଯାଉଛି । ସେହିପରି ଘଙ୍ଗାପାଟଣା ଗ୍ରାମରେ ଥିବା ପ୍ଲଟ୍ ନଂ- ୧୨୧୪ ଜମି, ଗ୍ରାମଦେବୀଙ୍କ ପ୍ରାଚୀନ ମନ୍ଦିର, ମଣ୍ଡପ, ଜଳାଶୟ ଭାଙ୍ଗି ପାଖରେ ଥିବା ସମସ୍ତ ଗଛଗୁଡ଼ିକୁ କାଟି ଦିଆଯାଇଛି । ବେଆଇନ୍ ମାଟି ଚାଲାଣ କରାଯାଉଛି ।

ସେହିପରି ତମାଣ୍ଡୋସ୍ଥିତ ଏକ ଜୁନିୟର କଲେଜ ନାଁରେ ମଧ୍ୟ ସେ ଚଞ୍ଚକତା କରିଛନ୍ତି । ପିଲାଙ୍କ କ୍ୟାରିୟର ଓ ଭବିଷ୍ୟତ ସହ ଖେଳୁଛନ୍ତି । ଏହାର ପ୍ରତିବାଦ କରି ଉଭୟ ଗ୍ରାମର ଶତାଧିକ ଗ୍ରାମବାସୀ ରାଜ୍ୟ ଯୁବ କଂଗ୍ରେସ ସହ ଡିସିପିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ । ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ଯୁବ କଂଗ୍ରେସ ସଭାପତି ଡକ୍ଟର ସ୍ମୃତିରଂଜନ ଲେଙ୍କା ଚେତାବନୀ ଦେଇଛନ୍ତି । ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ ବେଳେ ଆଶୁତୋଷ ଲେଙ୍କା, ରିତୁଲ ମହାପାତ୍ର, ବିଶ୍ୱଜିତ, ପଙ୍କଜ କୁମାର ଜେନା, ଅକ୍ଷୟ ସ୍ୱାଇଁ, ସୁନିଲ ସ୍ୱାଇଁ, ସୌଭାଗ୍ୟ ଜେନା, ମିଲୁ ପାଇକରାୟ, ମିହିର ପାଇକରାୟ, ଦୀପକ କୁମାର ଭୋଳ, ସଦାଶିବ ସାହୁ, ନୃସିଂହ ଚରଣ ଜେନା, ସନ୍ତୋଷ ସାହୁ ଓ ଉଲ୍ଲାସ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ସତ୍ୟସାଇ ପୁନଃବସତି ପ୍ରଶିକ୍ଷଣ ଶିବିର

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ପଂଚାୟତର ପଣ୍ଡୁଆ ଗ୍ରାମରେ ସାଇ ଆରୋଗ୍ୟମ କ୍ଲିନିକ ପକ୍ଷରୁ ସତ୍ୟସାଇ ପୁନଃବସତି ସେବା ଓ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଭୋର ସାଢେ ଚାରିଟାରୁ ଓଁକାରମ, ସୁପ୍ରଭାତମ୍, ନଗର ସଙ୍କୀର୍ତ୍ତନ, ବେଦପାଠ ଓ ସାମୁହିକ ଭଜନ ପରିବେଷଣ କରାଯାଇଥିଲା । ରାଜ୍ୟର ବିଭିନ୍ନ ଜିଲ୍ଲା କେନ୍ଦ୍ରାପଡା, ଜଗତସିଂପୁର,କଟକ, ଢେଙ୍କାନାଳ ଓ ଯାଜପୁର ଆଦି ଅଂଚଳର ୨୧ ଜଣ ରୋଗୀଙ୍କ ସୁଦୂର ପ୍ରଶାନ୍ତୀ ନିଳୟମ ସୁପର ସ୍ପେସିଆଲିଷ୍ଟ ହସପିଟାଲ, ବାଙ୍ଗାଲୋରସ୍ଥିତ ହ୍ୱାଇଟଫିଲ୍ଡ ଓ ରାଜକୋଟସ୍ଥିତ ଡାକ୍ତରଖାନାଗୁଡିକରେ ହୃଦରୋଗ, ଭାଲ୍ଭ ରିପ୍ଲେସମେଂଟ, ପିଟିଆଇଏନଆର ନିଃଶୁଳ୍କ ଅସ୍ତ୍ରୋପଚାର କରାଯାଇଥିବା ରୋଗୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କର ଚିକିତ୍ସା କରାଯାଇଥିଲା । ଏଥିରେ ଅବସରପ୍ରାପ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ, ରାଜ୍ୟ ସତ୍ୟସାଇ ସେବା ସଙ୍ଗଠନ ଟେଲି ମେଡିସିନର ସଂଯୋଜକ ଡା. ଚନ୍ଦନ କୁମାର ଦାସ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ରାଜ୍ୟ ସତ୍ୟସାଇ ସେବା ସଙ୍ଗଠନର ଟ୍ରଷ୍ଟ ସଦସ୍ୟ ରଶ୍ମୀ ରଂଜନ ରାୟ , ରାଜ୍ୟ ମହିଳା ଅଧ୍ୟାତ୍ମିକ ସଂଯୋଜିକା ଡେଜି ସତପଥୀ, ବେଦ ସଂଯୋଜିକା ସୁଚିତ୍ରା ଦାଶ, ଇନର ହୁଇଲ କ୍ଲବ ଜାରକାର ପୁର୍ବତନ ସଭାନେତ୍ରୀ ତଥା ସମାଜ ସେବୀକା ମାଧୁରୀ ଶତପଥୀ, ବାଲବିକାଶ ଗୁରୁମା ପ୍ରମୋଦିନୀ ସାମଲ, ଜିଲ୍ଲା ମହିଳା ସେବା ସଂଯୋଜିକା ପ୍ରଣତି ନାୟକ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ସଚେତନ ଉପରେ ପରାମର୍ଶ ଦେଇଥିଲେ । ପରେ ଜିଲ୍ଲା ସ୍ତରୀୟ ଏସଆରଟି ଓରିଏଂଟେସନ ପ୍ରୋଗ୍ରାମ ସ୍ଥାନୀୟ ସାଇ ଆରୋଗ୍ୟମ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ 'ଉଦ୍ଦେଶ୍ୟ ସ୍ପଷ୍ଟ କର' ଓ 'ଅଭିପ୍ରାୟ ଦୃଢ଼ କର' ଶୀର୍ଷକ ଉପରେ ଆଲୋଚନା ହୋଇଥିଲା । ଏଥିରେ ରାଜ୍ୟ ଏସଆରଟି ଇନଚାର୍ଜ ବିପିନ ବିହାରୀ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ସତ୍ୟସାଇ ସେବା ସଙ୍ଗଠନର ସଭାପତି ଡା. ନିଶିକାନ୍ତ କର ଯୋଗଦେଇ ଏହାର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୨ ଗୋଟି ସତ୍ୟସାଇ ସେବା ସମିତିର ଆବାହକ, ଆବାହିକା, ସଂଯୋଜକ, ସଂଯୋଜିକାମାନେ ଅଂଶଗ୍ରହଣ କରିଥିଲେ । ଜାରକା ସତ୍ୟସାଇ ସେବା ସମିତିର ଆବାହକ ସୁଶାନ୍ତ କୁମାର ନାୟକ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

ଶୈଳରାଣୀ ସିମଳା

ସମୁଦ୍ର ପତ୍ତନ ରୁ ପ୍ରାୟ ସାତ ହଜାର, ଦୁଇଶହ ଫୁଟ ଉଚ୍ଚତାରେ, ସିମଳା ଶୈଳ ନିବାସ ହିମାଳୟ କୋଳରେ ସାତ ପାହାଡ ଶିରରେ ଅବସ୍ଥିତ । ଏହା କାଲକା ଠାରୁ ୮୮କିମି, ଚଣ୍ଡିଗଡ ଠାରୁ ୧୧୫ କିମି, ମାନାଲି ଠାରୁ ୨୪୫ କିମି, ଚଣ୍ଡିଗଡ ଠାରୁ ୧୪୫ କିମି ଓ ଦିଲ୍ଲୀ ଠାରୁ ୩୪୫ କିମି ଦୂରରେ ରହିଚି । ସାତଟି ପାହାଡର ଶିଖରରେ ସିମଳା ଅବସ୍ଥିତ । ସେଗୁଡିକ ହେଲା, ଜାଖୁ ହିଲ, ପ୍ରସପେକ୍ଟସ ହିଲ, ସମର ହିଲ, ବାନୋଟି ହିଲ, ମଇନଭେରାନ ହିଲ,

ଅବଜରଭେଟୋରି ହିଲ, ଇଲୁସିଅମ ହିଲ । ବର୍ତମାନ ଏହା ହିମାଚଳ ପ୍ରଦେଶର ରାଜଧାନୀ ହୋଇଛି । ସ୍ୱାଧିନତା ପରେ କିଛିଦିନ ପାଇଁ ପୂର୍ବ ପଞ୍ଜାବର ମଧ୍ୟ ରାଜଧାନୀ ଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଏଠାରେ ତିନି ବର୍ଷ ପାଇଁ ପ୍ରବାସୀ ବର୍ମା ସରକାର କାମ କରୁଥିଲା ।

ଏହା ପାଖରେ ଥିବା କାଳିବାଡିର ଶ୍ୟାମଳା ଦେବୀ ବା ଶ୍ୟାମା କାଳୀ ଦେବୀଙ୍କ ନାମ ଅନୁସାରେ ସହର ନାମ ସିମଳା ହୋଇଚି । ୧୮୦୦ ମସିହା ପୁର୍ବରୁ ଏହା ଜନଶୂନ୍ୟ ଇଲାକା ଥିଲା । ଅଳ୍ପ କେତେକ ସ୍ଥାନୀୟ ପାହାଡି ଲୋକ କୁଡିଆ କରି ରହୁଥିଲେ । ଏହି ଇଲାକା ନେପାଳ ଥାପା ରାଜାଙ୍କ ଶାସନାଧିନ ଥିଲା ।୧୮୧୪ ମସିହାରେ ଇଂରେଜ ମାନଙ୍କ ଜେନେରାଲ ଅକ୍ଟେରଲେନି ଗୁର୍ଖାମାନଙ୍କୁ ପରାସ୍ତ କରି, ସଉଗୁଲି ଚୁକ୍ତି ଦ୍ୱାରା ଏହି ଅଂଚ-ଳର ମାଲିକାନା ଗ୍ରହଣ କଲେ । ଇଂରେଜ ମାନେ ଆସିଲା ପରେ ଗ୍ରୀଷ୍ମ ଦିନେ ଗାଙ୍ଗେୟ ସମତଳର ପ୍ରବଳ ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ

ସେମାନେ ଶୀତଳ ଉଚ୍ଚ ସ୍ଥାନର ସନ୍ଧାନ ନେଲେ । ସିମଳାର ପ୍ରାକୃତିକ ଘ- ଜଙ୍ଗଲ, ତୁଷାରାବୃତ ଶୃଙ୍ଗର ପରିବେଶ ତାଙ୍କୁ ବେଶ ସୁହାଇଲା । ଛୋଟ ଛୋଟ କଟେଜ, ହୋଟେଲମାନ ଗଢି ଉଠିଲା । ଗ୍ରୀଷ୍ମର ଆଗମନରେ ଦଳଦଳ ୟୁରୋପୀୟମାନେ ଏଠାରେ ରୁଣ୍ଡ ହେଲେ । ସେମାନଙ୍କ ସେବା ପାଇଁ ଭାରତୀୟମାନେ କୁଲି, ଖଲାସୀ, ଅଶ୍ୱଚାଳକ, ଧୋବା, ରୋଷାୟା, ଦୋକାନୀ ଭଳି କାମ କରି ଦୁଇପଇସା ରୋଜଗାର ପାଇଁ ମଧ୍ୟ ଆସିଲେ । ଶେଷରେ କଲିକତାରୁ ରାଜଧାନୀ ଗ୍ରୀଷ୍ମକାଳରେ ସିମଳାକୁ ଗଭର୍ଣ୍ଣର ଜେନେରାଲ ଲର୍ଡ ଲରେନସଙ୍କ ସମୟରେ ଉଠିଗଲା (୧୮୬୧ ମସିହା) । ଗଭର୍ଣ୍ଣର ଜେନେରାଲ, ସୈନ୍ୟ ମୁଖ୍ୟ ଓ ତାଙ୍କର ଅଧସ୍ତନ କର୍ମଚାରୀମାନେ ସେଠାକୁ ଗଲେ । ସିମଳାରେ ସେମାନଙ୍କ ପାଇଁ ଗଥିକ, ଭିକ୍ଟୋରିଆନ ଓ ଟ୍ୟୁଡର ଶୈଳୀରେ ଉଚ୍ଚ ମିନାର, ଖିଲାଣ, ବଡଝରକା ଦ୍ୱାରା ଥାଇ କାଠ ଓ ଇଟା ପଥରର କୋଠାମାନ ତିଆରି ହେଲା । ଚର୍ଚ୍ଚମାନ ମଧ୍ୟ ପ୍ରତିଷ୍ଠା ହେଲା । ଅନେକ ବିଳାସପୂର୍ଣ୍ଣ ହୋଟେଲ, ଗଲ୍‌ଫ କୋର୍ଟ, ଘୋଡା ପଡିଆ, ବରଫ ସ୍କେଟିଙ୍ଗ ପଡିଆ, ବଲ ଡ୍ୟାନସ ରୁମ, ବିପଣୀମାନ ଆରମ୍ଭ ହେଲା । ଅନେକ ୟୁରୋପୀୟ ସ୍ଥାୟୀ ଭାବରେ ରହିଗଲେ । ସମତଳ ରାଜ୍ୟରୁ ଗୋରାଙ୍କ ସହ ସାଥିଦେବା ପାଇଁ ଅନେକ ଦେଶୀୟ ରାଜା ମାନେ ମଧ୍ୟ ଆସିଲେ । ହଜାର, ହଜାର ଭାରତୀୟ କୁଲି ସାହେବମାନଙ୍କର ବିଳାସ ସାମାଗ୍ରୀ, ପୋଷାକ ପତ୍ର ଖାଦ୍ୟ, ମଦ ବୋତଲ, ଅଫିସ ଫାଇଲମାନ ବୋହି ପାହାଡ ଉପରକୁ ଯାଉଥିଲେ । ରାଜଧାନୀ କଲିକତା ସେଠାରୁ ହଜାର ମାଇଲ ଥିଲା । ତାତି କମିଲେ ପୁଣି ସେମାନେ କଲିକତା ଫେରୁଥିଲେ । ସରକାରୀ ତହବିଲରୁ ଅଜସ୍ର ଅର୍ଥ ବ୍ୟୟ

ହେଉଥିଲା, ସାହେବମାନଙ୍କୁ ଥଣ୍ଡା ରଖିବା ପାଇଁ । ସାରା ଭାରତରେ ଦୁର୍ଭିକ୍ଷର କରାଳ ଛାଇ ଘୁରି ବୁଲୁଥିଲା ବେଳେ ଏଠାରେ ଦଳେ ଦିନରାତି ମଉଜ ମଜଲିସରେ ବୁଡି ରହୁଥିଲେ । ହଜାର ହଜାର ବେଶ୍ୟାମାନେ ମଧ୍ୟ ଏହି ଧନକୁବେରଙ୍କୁ ଆକୃଷ୍ଟ କରି ନିଜ ପେଟ

ପୋଷିବା ପାଇଁ ଡେରା ପକାଉଥିଲେ । ଅନେକ କୁମାରୀ ନିଜ ପସନ୍ଦର ସାଥି ପାଇବା ପାଇଁ ଏଠାକୁ ଆସୁଥିଲେ । ୧୯୦୩ ମସିହାରେ ଅନେକ ଅର୍ଥ ବ୍ୟୟ କରି ସିମଳାକୁ ଏକ ରେଳପଥ ଦ୍ୱାରା ସଂଯୋଗ କରାଗଲା । ସମତଳର କାଲକା ଷ୍ଟେସନରୁ ଏହାର ଦୂରତା ୧୦୦ କିମି । ୬୮୦ଟି ପୋଲ ଓ ୧୦୦ ଟନେଲ ଦେଇ ଏହି ରେଳପଥ ନିର୍ମିତ ହୋଇଥିଲା । ପ୍ରାୟ ୬ ଘଂଟା ସମୟ ଯିବାକୁ ଲାଗେ । ଅନେକ ଐ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଏପ୍ରିଲ ୧୬

ଶ୍ରୀକ୍ଷେତ୍ରର ରୋଷଶାଳ ଓ ମହାପ୍ରସାଦ

"ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ,
ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ ।"

"He takes his bath at Rameswar, dines at Puri, meditates at Badrinath and sleeps at Dwarika." ମାନବ ବୋଲି କଳ୍ପନା କରାଯାଉଥିବା, ମହାପ୍ରଭୁ ନିଜର ସବୁଠାରୁ ବଡ ମାନବୀୟ କାର୍ଯ୍ୟ ଭୋଜନ, ଶ୍ରୀକ୍ଷେତ୍ର ପୁରୀରେ ସଂପାଦନ କରନ୍ତି, ଯେଉଁଠି ମର୍ତ୍ୟର ଅମୃତ ମହାପ୍ରସାଦ ପ୍ରସ୍ତୁତ ହୁଏ । ନିକଟରେ କୌଣସି ଦୁର୍ବୃତ ପୁରୀ ବଡଦେଉଳରେ ପଶି ଶ୍ରୀମନ୍ଦିର ରୋଷଶାଳାର ପ୍ରାୟ ୮୦ଟି ଚୁଲି ଭାଙ୍ଗିଦେବା ଖବର ସାରା ଦେଶର ଜଗନ୍ନାଥପ୍ରେମୀ ଓ ହିନ୍ଦୁ ଭକ୍ତଙ୍କ ମନରେ ଘୋର ବିଷାଦ ଭରି ଦେଇଛି । ଓଡିଆ ଜାତିର ଆରାଧ୍ୟ ଦେବତାଙ୍କ ପରମ୍ପରା ସହ ଏଭଳି ଖେଳିବା ନିଶ୍ଚୟ ଦୁଃଖ ଓ ପରିତାପର ବିଷୟ । ଜଗନ୍ନାଥ ମନ୍ଦିରର ରୋଷଶାଳରେ ପ୍ରଭୁଙ୍କ ପାଇଁ ଭୋଗ ବା ନୈବେଦ୍ୟ ପ୍ରସ୍ତୁତ ହୁଏ । ଏହି ଭୋଗକୁ ଜଗନ୍ନାଥ ଗ୍ରହଣ କଲାପରେ ତାହା ପ୍ରସାଦର ମାନ୍ୟତା ପାଏ । ପରେ ଏହା ପିଠ ଧାତ୍ରୀ ବିମଳାଙ୍କ ପାଖରେ ଅର୍ପଣ ହେଲା ପରେ ମହାପ୍ରସାଦର ମାନ୍ୟତା ପାଏ । ଏହି ମହାପ୍ରସାଦ ଭକ୍ତମାନଙ୍କର ଅତି ପ୍ରିୟ । ପୁରୀକୁ ଯିବାର ପ୍ରଧାନ ଲକ୍ଷ୍ୟ, ଟିକେ ମହାପ୍ରସାଦ ଖାଇବା । ଦେବତାଙ୍କ ପ୍ରସାଦ ପ୍ରତି ଏପରି ଭକ୍ତି ବିଶ୍ୱର ଅନ୍ୟ କେଉଁଠି ଦେଖାଯାଏନା । ଏହାର ସ୍ୱାଦ, ସୁବାସ ମଧ୍ୟ ଅନ୍ୟତ୍ର ସମ୍ଭବ ନୁହେଁ । କୁହାଯାଏ ପ୍ରସାଦକୁ ମନ୍ଦିରକୁ ନେଲାବେଳେ ସୁବାସ ନଥାଏ, କିନ୍ତୁ ଭୋଗ ପରେ ଆନନ୍ଦ ବଜାରକୁ ନେଲାବେଳେ ସୁବାସରେ ମହକି ପଡେ । ଆନନ୍ଦ ବଜାର ମନ୍ଦିରର ଉତର ପୂର୍ବ କୋଣରେ ଅବସ୍ଥିତ । ଏଠାରେ ଭକ୍ତମାନେ ମାଟି ଖପରାରେ କିମ୍ବା କଦଳି ପତ୍ରରେ ତଳେ ବସି ଆନନ୍ଦରେ ମହାପ୍ରସାଦ ଖାଉଥିବାର ଦୃଶ୍ୟ ଅତ୍ୟନ୍ତ ଦୁର୍ଲଭ । ଚଣ୍ଡାଳ ହାତୁ ବ୍ରାହ୍ମଣ ଛଡାଇ ଖାଇବେ, ଖାଇ ସାରି ନିଜ ଶିରେ ହାତ ଯେ ପୋଛିବେ, ସମସ୍ତ ଭକ୍ତ ଏକକାର ହୋଇ । ଛଡା ଛଡି ହୋଇ ଖାଇ ମୁଣ୍ଡରେ ହାତ ପୋଛିବା ଏକ ଘଟଣା ନୁହଁ, ଏକ ମହାନ ପରମ୍ପରା ଏକ ମହାନ ସଂସ୍କୃତି, ଯାହା ନିରବଚ୍ଛିନ୍ନ ଭାବେ ହଜାର ବର୍ଷ ଧରି ଚାଲି ଆସିଛି । ମନ୍ଦିରର ବିଶାଳ ରୋଷେଇ ଘର ଦକ୍ଷିଣ ପୂର୍ବ କୋଣରେ ଏକ ଏକର ଜମି ଉପରେ ଅବସ୍ଥିତ । ଏହାର ଲମ୍ବ ୧୫୦ ଫୁଟ ଓ ପ୍ରସ୍ଥ ୧୦୦ ଫୁଟ । ଉଚ୍ଚତା ୨୦ ଫୁଟ । ଏହି ରୋଷ ଶାଳା ପୃଥିବୀର ସବୁଠାରୁ ବଡ ହୋଟେଲ ଯେଉଁଠି, ଦୈନିକ ଲକ୍ଷେ ଲୋକ ଆହାର କରନ୍ତି । ଏହାର ବିଶେଷତ୍ୱ ହେଲା ମାଟି ହାଣ୍ଡିରେ, କାଠ ଚୁଲିରେ ରୋଷେଇ । ମାଟିପାତ୍ରକୁ କୁଡିଆ କୁହାଯାଏ, ଯାହାକୁ ସ୍ଥାନୀୟ କୁମ୍ଭକାରମାନେ ଶହଶହ ବର୍ଷ ହେଲା ଯୋଗାଇ ଆସୁଛନ୍ତି । ମାଟି ହାଣ୍ଡି ମାନ ଗୋଟା ଉପରେ ଗୋଟାଏ ପା-ଟି ପାତ୍ର ଉପର ତଳ ଥାକ ହୋଇ ଚୁଲିରେ ରହେ । ସବୁଠାରୁ ଉପର ପାତ୍ର ରେ ଆଗ ରୋଷେଇ ସଂପନ୍ନ ହୁଏ ରୋଷ ଘରେ ୫୦୦ ସୁଆର ବା ରୋଷେଇଆ ଓ ୫୦୦ ସେବାକାରୀ କାର୍ଯ୍ୟ କରନ୍ତି । ଏମାନଙ୍କୁ ସୁଆର, ମହାସୁଆର ସୁଆର ମହାପାତ୍ର, କୁହାଯାଏ । ଏହାଛଡା ପାଣିବାଲା ଧୋଇଲାବାଲା, ଯୋଗାଡିଆ, ପହଁରିଲାବାଲା, ପାଇକ ଭଳି ସହାୟକ କର୍ମଚାରୀ ଏହାକୁ ସଦାସର୍ବଦା କର୍ମଚ-ଂଚଳ କରିଛନ୍ତି । ରୋଷ ପରେ ମୁହଁରେ ଗାମୁଛା ବାନ୍ଧି ପୂଜା ପାଇଁ ଭୋଗକୁ ନିଆଯାଏ । ଦେବତାଙ୍କ ଆଗରେ ଏହା ନୈବେଦ୍ୟ ଆକାରରେ ନିବେଦନ କରାଯାଏ । ଗର୍ଭଗୃହର ଦ୍ୱାର ବନ୍ଦ ହୋଇ ବା ପହଡ ପଡି ଭୋଗ ହୁଏ । କୁହାଯାଏ ଭୋଗ ପ୍ରସ୍ତୁତିରେ କୌଣସି ଅଶୌଚ ହେଲେ ଅକସ୍ମାତ ଏକ କୁକୁର ମନ୍ଦିର ବେଢାରେ ଦେଖାଯାଏ । ସମସ୍ତ ଭୋଗ ପୋତା ଯାଇ ଆଉଥରେ ଭୋଗ ରନ୍ଧା ହୁଏ । କୁକୁର ପିଠର ଏକ ଯୋଗ୍ମା କୁତମ ଚଣ୍ଡୀ ବୋଲି ବିଶ୍ୱାସ କରାଯାଏ । ରୋଷ ଘର ପାଇଁ ଦିଓଟି ଗଭୀର କୂପରୁ ଜଳ ଆସେ । ସେଗୁଡିକ ନାମ ଗଙ୍ଗା ଓ ଯମୁନା । ଗଭୀରତା ୧୦୦ ଫୁଟ ଗୋଲେଇ ୧୦ ଫୁଟ । ରୋଷେଇ ଘର ଅଗ୍ନିକୁ ବୈଷ୍ଣମ୍ବାଗ୍ନି କୁହାଯାଏ । ଏହା କେଉଁ ଅନନ୍ତ କାଳରୁ ଜଳୁଚି । କୁହାଯାଏ ମା ଲକ୍ଷ୍ମୀ ହିଁ ପାଚ କର୍ମ କରନ୍ତି । ରଥ ଯାତ୍ରା ସମୟରେ ଠାକୁର ଗୁଣ୍ଡିଚା ମନ୍ଦିର ଯିବାରୁ ରୋଷ ଘର ବନ୍ଦ ରୁହେ ଓ ମରାମତ କାମ ହୁଏ । ଶ୍ରୀମନ୍ଦିର ରୋଷଶାଳାରେ ମାଟି ଇଟା ନିର୍ମିତ ପ୍ରାୟ ଦୁଇଶ ଚୁଲି ଅଛି । ତିନିପ୍ରକାର ଚୁଲି ରହିଛି । ଅନ୍ନ ଚୁଲା, ଅହିଆ ଚୁଲା ଓ ପିଠା ଚୁଲା । ପ୍ରତି ଚୁଲାର ଆୟତନ ଲମ୍ବ ୪, ପ୍ରସ୍ଥ ୨-୧/୨ଓ ୨ ଫୁଟ ଗଭୀରର । ସମୁଦାୟ ୧୦ଟି ପିଠା ଚୁଲା ଅଛି । ରୋଷ ଘରେ ପିଆଜ, ରସୁଣ, ଲଙ୍କା, ତେଲ, ବିଲାତି ଆଳୁ, ଚିନି, ବିଲାତି ବାଇଗଣ ବ୍ୟବହାର ହୁଏନା । ଗୋଲମରିଚ, ଅଦା, ମାଟିଆଳୁ, କନ୍ଦମୂଳ, ଘିଅ, ଖୁଆ, ଲହୁଣି, କ୍ଷୀର, ଦହି, ଛେନା ଗତୁ. କନ୍ଦ ଆଦିରେ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ ହୁଏ । ମିଠା ଅନ୍ନ, ସାଧା ଅନ୍ନ, ଦହି ଅନ୍ନ, ମିଠା ଡାଲି, ପରିବା ମିଶା ଡାଲି, ଶାକର, ମହୁର, ଖଟା, ଆମ୍ବିଳ, ଅନେକ ଶାଗ ଭଜା, ପାଏସ ଛଡା ଅନେକ ପ୍ରକାର ପିଠା, ମିଠା ପାନୀୟ ପ୍ରସ୍ତୁତ ହୁଏ । ପ୍ରଭୁଙ୍କ ପାଇଁ ଛଅ ଥର ଭୋଗ ପ୍ରସ୍ତୁତ ହୁଏ । ଛପନ ପ୍ରକାର ଖାଦ୍ୟ ଦିଆଯାଉଥିବାରୁ ଏହାକୁ ଛପନପୌଟି ବ୍ୟଞ୍ଜନ କୁହାଯାଏ । ସକାଳ ୮.୩୦ ସମୟରେ ପ୍ରଥମେ ଗୋପାଳ ବଲ୍ଲଭ (ବଲ୍ଲଭ ଖଇ ପାଚଲା କଦଳି, କୋରା, ନଡିଆ, ଖୁଆ) ଭୋଗ ପ- ଉପଚାର ପ୍ରଥାରେ ନିବେଦନ କରାଯାଏ । ସକାଳଧୂପ-୧୦ ଘଟିକା ସକାଳ-ଏହାକୁ କୋଠ ବା ରାଜ ଭୋଗ କୁହାଯାଏ । ୨୧ ପ୍ରକାର ଖାଦ୍ୟ ପରିବେଷଣ ହୁଏ । ଭୋଗ ମଣ୍ଡପ ଭୋଗ-୧୧ଟା ସକାଳ ଏହା ବରାଦ ଅନୁସାରେ ପ୍ରସ୍ତୁତ ହୁଏ । ମଧ୍ୟାହ୍ନ ଭୋଗ-୧ ଘଟିକା ମଧ୍ୟାହ୍ନ, ଏହା ଷୋଡଶ ଉପଚାରରେ ନିବେଦନ କରାଯାଏ । ଏହା ମୁଖ୍ୟ ଆହାର । ୪୧ ପ୍ରକାର ଖାଦ୍ୟ ପରିବେଷଣ ହୁଏ । ପ୍ରସ୍ତୁତ ହେଲା ପରେ ବିକ୍ରୟ ପାଇଁ ଆନନ୍ଦ ବଜାରକୁ ଆସେ । ସଂଧ୍ୟାଧୂପ-୮ ସଂଧ୍ୟା । ଆଳତି (ଜୟ ମଙ୍ଗଳ) ପରେ ୯ ପ୍ରକାର ଖାଦ୍ୟ ଦିଆଯାଏ । ବଡ ସଂହାର ଭୋଗ (ରାତ୍ର ଭୋଜନ ୧୧ଟା ରାତ୍ରୀ) । ଭୋଗ ପୂର୍ବରୁ ପାଳିଆ ପୁଷ୍ପାଳକ ବିଗ୍ରହଙ୍କୁ ପାଟବସ୍ତ୍ର ଫୁଲରେ ସଜାଇ ଗୀତ ଗୋବିନ୍ଦ ଶୁଣାନ୍ତି । ଆଠ ପ୍ରକାର ଖାଦ୍ୟ ପରିବେଷଣ ହୁଏ । ଧନୁ ରାଶିକୁ ସୂର୍ଯ୍ୟ ଗଲେ ଠାକୁରଙ୍କୁ ପହିଲି ଭୋଗ ଦିଆଯାଏ । ପୁରାଣ ଅନୁସାରେ ଏଠାରେ ଅନ୍ନ ବ୍ରହ୍ମ ରୂପରେ ଅବସ୍ଥାନ କରନ୍ତି । ମହାପ୍ରସାଦ କଣିକା ସ୍ୱୟଂ ପରମବ୍ରହ୍ମ ଅବତାର, ଯାହାର ଭୋଜନ ମୁକ୍ତି ଓ ତୃପ୍ତି ଦେଇଥାଏ । ମନ୍ଦିରରେ ଦୁଇ ପ୍ରକାର ଭୋଗ ହୁଏ- ସଂଖୁଡି ଓ ଶୁଖିଲା ଭୋଗ । ପ୍ରଭୁଙ୍କ ଛଡା ଅନ୍ନ, ଫୁଲ, ଚନ୍ଦନ ସୁଗନ୍ଧିକୁ କୈବଲ୍ୟ ବୈକୁଣ୍ଠରେ ଶୁଖାଇ କୈବଲ୍ୟ ବା ନିର୍ମାଲ୍ୟ ଆକାରରେ ଭକ୍ତଙ୍କୁ ଦିଆଯାଏ । ମଲାବେଳେ ପାଟିରେ ନିର୍ମାଲ୍ୟ ଟିକେ ଦେଲେ ମୁକ୍ତି ମିଳେ ବୋଲି ଆମ ଧର୍ମର ବିଶ୍ୱାସ । ଶ୍ରୀକ୍ଷେତ୍ରର ଏହି ମହାନ ସଂସ୍କୃତି ଶହଶହ ବର୍ଷଧରି ଯେପରି ସମୟାନୁବର୍ତିତା ସହ ଶୃଂଖଳାରେ ଚାଲିଛି ତାହା ଭାବିଲେ ମୁଣ୍ଡ ନଇଁଯାଏ । ହଜାର ବର୍ଷ ଧରି ଅନେକ ବିଦେଶୀ ବିଧର୍ମୀ ଆକ୍ରମଣକାରୀ ଏହାକୁ ଧ୍ୱଂସ କରିବାକୁ ଚେଷ୍ଟା କରି ବିଫଳ ହୋଇଛନ୍ତି । ଆଜି ଆମେ ସେହି ପବିତ୍ର କ୍ଷେତ୍ରରେ ନିଜେ ଧ୍ୱଂସଲୀଳା ଖେଳାଇ ଦେଇଛୁ, ଏହାକୁ ଇତିହାସ କେବେ କ୍ଷମା ଦେବନି ।

ଡାଃ ସୁରେନ୍ଦ୍ର ନାଥ ଦାଶ, ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬

ଆଜିର ଅନୁଚିନ୍ତା

କାଳ ଯାହାକୁ କବଳିତ କରିପାରେ ନାହିଁ, ସେ ହିଁ ମହାକାଳ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ଭାରତରେ ଦାରିଦ୍ର୍ୟର କାରଣ ଓ ନିରାକରଣ

ହିମାଂଶୁଶେଖର ଆଚାର୍ଯ୍ୟ

ଭାରତୀୟ ଅର୍ଥନୀତିର ଏକ ମୌଳିକ ବୈଶିଷ୍ଟ୍ୟ ହେଲା ଦାରିଦ୍ର୍ୟ । କ୍ରମାଗତ ଭାବେ ଜାତୀୟ ଆୟ ଓ ମୁଣ୍ଡପିଛା ଆୟ ବୃଦ୍ଧି ପାଇବା ସତ୍ତ୍ୱେ ଦେଶରେ ଦାରିଦ୍ର୍ୟତାର ପ୍ରଭାବ ଅତୁଟ ରହିଛି । ଦେଶରେ ବିଭିନ୍ନ ଅଞ୍ଚଳରେ ବହୁସଂଖ୍ୟକ ଲୋକ ସର୍ବନିମ୍ନ ମୌଳିକ ଆବଶ୍ୟକତାରୁ ବଞ୍ଚିତ ହୋଇ ଦୁଃଖ ଦାରିଦ୍ର୍ୟରେ କାଳ ଯାପନ କରୁଥିବାର ଦେଖାଯାଏ, ଯାହାକୁ ଆମେ ଦାରିଦ୍ର୍ୟ ବୋଲି କହୁ । ଦାରିଦ୍ର୍ୟ ସେମାନଙ୍କ ପ୍ରତି ଏକ ଅଭିଶାପ ଏବଂ ଏହା ଏକ ସାମାଜିକ ବ୍ୟାଧି । ଭାରତୀୟ ଅର୍ଥବ୍ୟବସ୍ଥାର ଏହା ଏକ ବିଷାଦମୟ ଓ କଳଙ୍କିତ ବିଷୟ । ଦାରିଦ୍ର୍ୟ ସମସ୍ୟା ଉପଲବ୍ଧ କରିବାକୁ ହେଲେ ଆମକୁ ଏହାର ସଂଜ୍ଞା , ଆକାର ଓ କାରଣକୁ ଆଲୋଚନା ପରିସରଭୁକ୍ତ କରିବାକୁ ହେବ । ଏହି ଦାରିଦ୍ର୍ୟ ଭାରତର ଏକ ପ୍ରମୁଖ ସମସ୍ୟା । କ୍ରମାଗତ ଭାବେ ଜାତୀୟ ଆୟ ଓ ମୁଣ୍ଡପିଛା ଆୟ ବୃଦ୍ଧି ପାଉଥିଲେ ମଧ୍ୟ ଆମ ଦେଶରେ ଦାରିଦ୍ର୍ୟତାର ପ୍ରଭାବ ଅତୁଟ ରହିଛି ।

ଦାରିଦ୍ର୍ୟ ମାନବର ଏକ ଦୁଃଖଦ ଅବସ୍ଥା । ଜୀବନଧାରଣ, ସ୍ୱାସ୍ଥ୍ୟରକ୍ଷା ତଥା ଦକ୍ଷତା ବୃଦ୍ଧି ପରି ସର୍ବନିମ୍ନ ମୌଳିକ ଆବଶ୍ୟକତା ପୂରଣର ଅକ୍ଷମତା ହିଁ ଦାରିଦ୍ର୍ୟତା । ଦାରିଦ୍ର୍ୟକୁ ଦୁଇଟି ଦୃଷ୍ଟିକୋଣରୁ ବିଚାର କାରାଯାଇଥାଏ । ପ୍ରଥମତଃ ଚରମ ବା ଉତ୍କଟ ଦାରିଦ୍ର୍ୟ ଓ ଦ୍ୱିତୀୟତଃ ଆପେକ୍ଷିକ ଦାରିଦ୍ର୍ୟ । ଯେଉଁ ଲୋକ ବଞ୍ଚି ରହିବା ପାଇଁ ଜୀବନର ମୌଳିକ ଆବଶ୍ୟକତାକୁ ପୂରଣ କରିପାରନ୍ତି ନାହିଁ ସେମାନଙ୍କ କ୍ଷେତ୍ରରେ ଚରମ ବା ଉତ୍କଟ ଦାରିଦ୍ର୍ୟ ଦେଖାଯାଏ ବୋଲି କୁହାଯାଏ । ସର୍ବନିମ୍ନ ଖାଦ୍ୟ, ବସ୍ତ୍ର, ବାସଗୃହ ଭିତ୍ତିରେ ଚରମ ଦାରିଦ୍ର୍ୟତା ନିର୍ଣ୍ଣୟ ହୋଇଥାଏ । ଏଗୁଡିକର ନିରୂପିତ ମୂଲ୍ୟଠାରୁ କମ ଖର୍ଚ୍ଚ କରିଥିବା ଲୋକମାନଙ୍କୁ ଦାରିଦ୍ର୍ୟର ସୀମାରେଖା ତଳେ ଅଛନ୍ତି ବୋଲି ଧରାଯାଏ । ଆପେକ୍ଷିକ ଦାରିଦ୍ର୍ୟର ଅର୍ଥ ଭିନ୍ନ । ଯେତେବେଳେ ଦୁଇଜଣ ବ୍ୟକ୍ତି ବା ଦୁଇ ଗୋଷ୍ଠୀର ଲୋକମାନଙ୍କର ଆର୍ଥିକ ସ୍ଥିତିକୁ ନେଇ ତୁଳନା କରାଯାଏ, ସେତେବେଳେ ଆମେ ଆପେକ୍ଷିକ ଦାରିଦ୍ର୍ୟ କଥା କହିଥାଉ । ତେଣୁ ଆପେକ୍ଷିକ ଦାରିଦ୍ର୍ୟ କହିଲେ ଆୟର ବୈଷମ୍ୟକୁ ବୁଝାଏ । ପ୍ରକାରାନ୍ତରେ କହିଲେ ସ୍ଥାୟୀ ବା ଅସ୍ଥାୟୀ ଭାବେ ଯେତେବେଳେ ଜଣେ ଲୋକ ନିଜର ତଥା ତା' ପରିବାରର ସଦସ୍ୟମାନେ କାର୍ଯ୍ୟକ୍ଷମ ଭାବେ ବଞ୍ଚିବା ନିମନ୍ତେ ସର୍ବନିମ୍ନ ଆବଶ୍ୟକତା ଖାଦ୍ୟ, ବସ୍ତ୍ର, ବାସଗୃହରୁ ବଞ୍ଚିତ ହୋଇଥାଏ, ତାକୁ ଆମେ ଦରିଦ୍ର୍ୟ ବୋଲି କହିବା । ଏହା ତାଙ୍କର ଶାରୀରିକ ତଥା ମାନସିକ ଦକ୍ଷତା ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ।

ଏହି କଥାକୁ ଲକ୍ଷ୍ୟ ରଖି ୧୯୮୭ରୁ ପ୍ରତିବର୍ଷ ଅକ୍ଟୋବର ୧୭ ତାରିଖରେ ପାଳିତ ହେଉଛି ଆନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ । ଦାରିଦ୍ର୍ୟ, କ୍ଷୁଧା, ହିଂସା ଓ ଭୟ ଦୂର କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ପରିସଂଖ୍ୟାନରୁ ଜଣାଯାଏ, ସାରା ବିଶ୍ୱରେ ଏବେବି ୧.୩ ବିଲିୟନ ବା ୨୨ ପ୍ରତିଶତ ଲୋକ ଚରମ ଦାରିଦ୍ର୍ୟରେ ରହିଛନ୍ତି । ଚରମ ଦାରିଦ୍ର୍ୟ ରହିଥିବା ଦେଶ ମଧ୍ୟରେ ନାଇଜେରିଆରେ ୮୬.୯ ପ୍ରତିଶତ, କଙ୍ଗୋରେ ୬୦.୯ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟରେ ରହିଥିବାର ଜଣାଯାଏ । ସେହିପରି କମ୍ ଦାରିଦ୍ର୍ୟ ଥିବା ଦେଶମାନଙ୍କ ମଧ୍ୟରେ କତାର, ମକାଓ, ସିଙ୍ଗାପୁର ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶମାନେ ରହିଛନ୍ତି । ସେହିପରି ମୋଟ ଜାତୀୟ ଉତ୍ପାଦକୁ ହିସାବକୁ ନେଲେ ଆମ ଦେଶ ଭାରତର ସ୍ଥାନ ୧୨୪ ରେ ରହିଛି । ସମ୍ପ୍ରତି ମହାମାରୀ କରୋନା ଯୋଗୁଁ ସାରା ବିଶ୍ୱର ଅର୍ଥନୀତି ଧ୍ୱସ୍ତ ବିଧ୍ୱସ୍ତ । ଶିଳ୍ପ ଜଗତ କୋମାରେ । କୃଷି କ୍ଷେତ୍ରରେ ଅଗ୍ରଗତି ସନ୍ତୋଷଜନକ ନୁହେଁ । ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ମଧ୍ୟ ସ୍ଥାଣୁତା । ଫଳରେ ବିଶ୍ୱ ସମେତ ଆମ ଦେଶରେ ନିଯୁକ୍ତି କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଛି । ଏଥିପାଇଁ ଦାରିଦ୍ର୍ୟ ହାର ମଧ୍ୟ ବଢିଛି ।

ଭାରତ ଭଳି ବିକାଶମୁଖୀ ଦେଶମାନଙ୍କରେ ଦେଖାଦେଇଥିବା ଗଣଦାରିଦ୍ର୍ୟ କାରଣ ସମ୍ପର୍କରେ ବୁଝାଇବାକୁ ଯାଇ ଅର୍ଥଶାସ୍ତ୍ରୀ ରାଗ୍‌ନର ନରକ୍ସେ କହିଛନ୍ତି- 'ଗୋଟିଏ ଦେଶ ଗରିବ କାରଣ ତାହା ଗରିବ' । ଅନ୍ୟଅର୍ଥରେ କହିଲେ ଗୋଟିଏ ଦେଶର ଦାରିଦ୍ର୍ୟର କାରଣ ହେଉଛି ସେ ଦେଶର ଦାରିଦ୍ର୍ୟ । ଏହିଦୃଷ୍ଟିରୁ ବିଚାର କଲେ ଦେଶର ଦାରିଦ୍ର୍ୟର କାରଣ ବହୁବିଧ । ଉଭୟ ଚାହିଦା ଓ ଯୋଗାଣ ପାର୍ଶ୍ୱରେ ସ୍ୱଳ୍ପ ମୁଣ୍ଡ ପିଛା ଆୟ, ସ୍ୱଳ୍ପ ଚାହିଦା, ସ୍ୱଳ୍ପ ସଂଚୟ, ସ୍ୱଳ୍ପ ନିବେଶ ଦାରିଦ୍ର୍ୟର କରାଳଚକ୍ର ସୃଷ୍ଟି କରୁଛି । ଏଥିସହିତ ମନ୍ଥର ଅଭିବୃଦ୍ଧି ହାର ବେକାରୀ, ନିମ୍ନ କୃଷି ଉତ୍ପାଦନଶୀଳତା, ଶିଳ୍ପର ମନ୍ଥର ଅଭିବୃଦ୍ଧି, ଅସମାନତା, ଅବିକଶିତ ପ୍ରାକୃତିକ ସମ୍ପାଦ, ମୁଦ୍ରାସ୍ଫୀତି, ଜନସଂଖ୍ୟାର ଚାପ ଆଦି କାରଣଗୁଡିକ ଆମ ଦେଶରେ ଦାରିଦ୍ର୍ୟ ବୃଦ୍ଧିର ଗୋଟିଏ ଗୋଟିଏ କାରଣ । ଏଥିପାଇଁ ସ୍ୱଳ୍ପ ଉତ୍ପାଦନ ସହିତ ମୁଣ୍ଡପିଛା ଆୟ ହ୍ରାସ ପାଉଛି । ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକଙ୍କ ସଂଖ୍ୟା ୧୯୯୩-୯୪ ମୋଟ ଜନସଂଖ୍ୟାର ୪୫.୩ ପ୍ରତିଶତ ଥିଲା, ଯାହା କି ୨୦୦୪-୦୫ ବେଳକୁ ୩୭.୨ ପ୍ରତିଶତକୁ ହ୍ରାସ ପାଇଥିଲା । ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଅନୁପାତ ସେହି ସମୟ ମଧ୍ୟରେ ୫୦.୧ ପ୍ରତିଶତରୁ ୪୧.୮ ପ୍ରତିଶତକୁ ହ୍ରାସ ପାଇଥିଲା । ସହରାଞ୍ଚଳରେ ଏହି ଅନୁପାତ ୧୯୯୩-୯୪ରୁ ୩୧.୮ ପ୍ରତିଶତକୁ ୨୦୦୪-୦୫ରେ ୨୫.୭ ପ୍ରତିଶତକୁ ହ୍ରାସ ପାଇଥିଲା । ୨୦୧୧-୧୨ ବେଳକୁ ଦେଶର ମୋଟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତକୁ ହ୍ରାସ ପାଇଥିଲା । ସଂଖ୍ୟାନୁସାରେ ଏହି ସମୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୪୧ କୋଟିରୁ ୨୭ କୋଟିକୁ ହ୍ରାସ ପାଇଥିଲା । ତେବେ ଏହି ତଥ୍ୟ ସୁରେଶ ତେନ୍ଦୁଲକର କମିଟି ଆଧାରରେ ଦିଆଯାଇଛି । କିନ୍ତୁ ରଙ୍ଗରାଜନଙ୍କ କମିଟି ରିପୋର୍ଟରେ ଦେଶର ଦାରିଦ୍ର୍ୟ ହାର ୨୯.୬ ପ୍ରତିଶତ ବୋଲି କଳନା କରାଯାଇଛି । ଦାରିଦ୍ର୍ୟ ହିଁ କ୍ଷୁଧାର ପ୍ରମୁଖ କାରଣ । ନିକଟରେ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି । ବିଶ୍ୱର ୧୦୭ଟି ଦେଶକୁ ନେଇ କରାଯାଇଥିବା କ୍ଷୁଧା ସୂଚକାଙ୍କ ତାଲିକାରେ ଭାରତ ୯୪ତମ ସ୍ଥାନରେ ରହିଛି ।

ପ୍ରାକୃତିକ ସମ୍ପଦ କ୍ଷେତ୍ରରେ ଭାରତ ଏକ ଧନୀ ରାଷ୍ଟ୍ର । କିନ୍ତୁ ଏଠାରେ ମିଳୁଥିବା ପ୍ରାକୃତିକ ସମ୍ବଳର ଅବିନିଯୋଗ, ନିମ୍ନ ବିନିଯୋଗ ବା ଅସଦ୍‌ବିନିଯୋଗ ଏ ଦେଶରେ ଅତି ସାଧାରଣ । ତେଣୁ ଭାରତର ଉତ୍ପାଦନ ଓ ଉତ୍ପାଦନଶୀଳତା କମ୍ ହୋଇଥାଏ । ଫଳରେ ଜାତୀୟ ଆୟ ମୁଣ୍ଡପିଛା ଆୟ ହ୍ରାସ ପାଇଥାଏ । ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ର୍ୟ ଆମ ଦେଶର ଅନ୍ୟ ଏକ ପରିଚୟ । ଭାରତ ଧନୀ ହେଲେ ମଧ୍ୟ ଭାରତୀୟମାନେ ଗରିବ । ଦାରିଦ୍ର୍ୟ ଉଭୟ ସମାଜ ଓ ଅର୍ଥବ୍ୟବସ୍ଥା ପାଇଁ ଏକ ଅଭିଶାପ । ଏହା ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି କରିଥାଏ ।

-ଜଗତସିଂହପୁର, ମୋ-୯୯୩୭୧୫୧୦୫୨

ରଥୀ, ମହାରଥୀ ଓ...

**ଆଚରଣ

କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

ସୋନପୁର ଦେଶର ସବୁଠୁ ଉତପ୍ତ ସହର

ଭୁବନେଶ୍ୱର,(ପି.ଏନ): ଆଜି ସୋନପୁରରେ ସର୍ବାଧିକ ତାପମାତ୍ରା ୪୪.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଏହା ସହିତ ସୋନପୁର ଦେଶର ସବୁଠାରୁ ଉତପ୍ତ ସହର ପାଲଟିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସ ଏହି ସୂଚନା ଦେଇଛନ୍ତି।ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଜି ସୋନପୁର ସମେତ ମୋଟ ୧୬ଟି ସ୍ଥାନରେ ଦିନର ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ବା ଏହା ଉପରେ ରେକର୍ଡ କରାଯାଇଛି। ବଲାଙ୍ଗିରର ତାପମାତ୍ରା ୪୨.୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବାରିପଦାରେ ୪୨.୫, ଝାରସୁଗୁଡ଼ାରେ ୪୨.୨, ବୌଦ୍ଧରେ ୪୨, ତାଳଚେରରେ ୪୧.୮, ଅନୁଗୋଳରେ ୪୧.୭, ସୁନ୍ଦରଗଡ଼ରେ ୪୧.୫ରେ, ଟିଟିଲାଗଡ଼ରେ ୪୧.୫, ପାରଳାଖେମୁଣ୍ଡିରେ ୪୧, ସମ୍ବଲପୁରରେ ୪୦.୮, ଭବାନୀପାଟଣାରେ ୪୦.୫, ନୟାଗଡ଼ରେ ୪୦.୫, ଛତ୍ରପୁରରେ ୪୦, ବାଲେଶ୍ୱରରେ ୪୦ ଓ ମାଲକାନଗିରିରେ ୪୦ ଡିଗ୍ରୀ ରେକର୍ଡ କରାଯାଇଛି।କଟକରେ ତାପମାତ୍ରା ୩୮.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱରରେ ୩୭.୭, ଚାନ୍ଦବାଲିରେ ୩୮.୭, କେନ୍ଦୁଝରଗଡ଼ରେ ୩୬.୨, ହୀରାକୁଦରେ ୩୯.୯, ଫୁଲବାଣୀରେ ୩୯.୨, ରାୟଗଡ଼ାରା ୩୯.୧ ଓ ଭଦ୍ରକରେ ୩୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ସୂଚନାଯୋଗ୍ୟ, ଗତକାଲି ୪୪ ଡିଗ୍ରୀ ସେଲ୍‌ସିୟସ ସହିତ ଝାରସୁଗୁଡ଼ା ଦେଶର ଉତପ୍ତ ସହର ହୋଇଥିଲା।

ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍କେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାଓ୍ୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୂତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପ୍ଲୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତି‌ଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡ଼ିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଓ୍ୱକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଗଳାର ଆକ୍‌ସେସରିଜ୍, ଏକ ଓ୍ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେ

ମୋ ଓଡ଼ିଶା

ଗାନ୍ଧିଜୀଙ୍କ ବେଶ ବଦଳାଇଥିଲା ଓଡ଼ିଶା



ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅନେକ ଶ୍ରଦ୍ଧା, ଆବେଗ ଓ ଦେଶ ମାତୃକାର ପାଇଁ ଭାବପ୍ରବଣତା ଓଡ଼ିଶା ସହିତ ରହିଛି। ଶ୍ରୀକ୍ଷେତ୍ର ସହିତ ମହାତ୍ମା ଗାନ୍ଧୀଙ୍କର ସ୍ମୃତି ଜଡ଼ିତ ରହିଛି। ଏହି ସ୍ମୃତିକୁ ଚିର ସ୍ମରଣୀୟ ରଖିବା ପାଇଁ ଶନିବାର ଶ୍ରୀକ୍ଷେତ୍ରରେ ଗାନ୍ଧିଜୀଙ୍କ ପୁରୀ ଆଗମନର ଶତବାର୍ଷିକୀ ଉଦ୍‌ଯାପନ ସମାରୋହ ପାଳନ ହେବ। ଏଥିରେ ବିଶିଷ୍ଟ ଗାନ୍ଧୀବାଦ, ଗାନ୍ଧୀପ୍ରେମୀ ଓ ବୁଦ୍ଧିଜୀବୀମାନେ ଯୋଗଦେବେ। ୧୯୨୧ ମାର୍ଚ୍ଚ ୨୬ରେ ଗାନ୍ଧିଜୀ ପୁରୀ ଆସିଥିଲେ। ସେହି ସ୍ମୃତି ଦିବସକୁ ୧୦୧ତମ ବର୍ଷ ପୂରଣ ହୋଇଛି। ଗାନ୍ଧିଜୀ ଓଡ଼ିଶାକୁ ଆସି ବୁଲିକରି ଯିବା ପରେ ନିଜ ବେଶ ପୋଷାକ ବଦଳାଇଥିଲେ। ଧୋତି ବଦଳରେ ଆଣ୍ଠୁ ଉପରକୁ ଲୁଗା ଓ ସାର୍ଟ ବଦଳରେ ଖୋଲା ଦେହରେ ଚାଦର ପିନ୍ଧିଥିଲେ। ତାଙ୍କ ବେଶପୋଷାକ ବଦଳିଯିବା ନେଇ ତାଙ୍କୁ ପଚରାଯିବାରୁ ସେ କହିଥିଲେ, ଓଡ଼ିଶାର ଦାରିଦ୍ର୍ୟ ମୋ'ବେଶ ପୋଷାକ ବଦଳାଇ ଦେଲା। ବିହାରର ଚମ୍ପାରଣ ନୁହେଁ ବରଂ ଓଡ଼ିଶା ସବୁଠାରୁ ଅଧିକ ଦୁର୍ଦ୍ଦଶା ଭୋଗୁଥିବା ରାଜ୍ୟ। ୧୯୨୧ ମସିହା ମାର୍ଚ୍ଚ ୨୩ରେ ଗାନ୍ଧୀ କଟକ କାଠଯୋଡ଼ିରେ ସଭା କରିବା ପରେ ୨୫ ତାରିଖରେ ଭଦ୍ରକ, ୨୬ ତାରିଖ ସକାଳେ ସତ୍ୟବାଦୀ ଓ ସନ୍ଧ୍ୟାରେ ଆସି ପୁରୀରେ ପହଞ୍ଚିଥିଲେ। ପୁରୀରେ ତାଙ୍କୁ ସ୍ୱାଗତ କରିବା ପାଇଁ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ। ୨୭ ତାରିଖ ସକାଳେ ସେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସେହିଦିନ ସନ୍ଧ୍ୟାରେ ଶରଧାବାଲିରେ ଏକ ବିରାଟ ସଭା ଆୟୋଜିତ ହୋଇଥିଲା। ଏହାପରେ ସେ ପୁରୀ ଜିଲ୍ଲାର ଦାରିଦ୍ର୍ୟ ରୂପ ଦେଖିଥିଲେ। ଅଭାବ କେତେ କଷ୍ଟଦାୟକ ତାହା ଦେଖି ଗାନ୍ଧିଜୀ ଭାବ ପ୍ରବଣ ଓ ବ୍ୟଥିତ ହୋଇପଡ଼ିଥିଲେ। ଏହାପରେ ଗାନ୍ଧିଜୀ ଶ୍ରୀମନ୍ଦିର ମ୍ୟାନେଜର ସଖୀଚାନ୍ଦଙ୍କ ଅନାଥ ଆଶ୍ରମ ଭ୍ରମଣରେ ଯାଇ ଭୂୟସୀ ପ୍ରଶଂସା କରିଥିଲେ। ୨୮ ତାରିଖରେ ଗାନ୍ଧିଜୀଙ୍କ ମୌନବ୍ରତ ଥିଲା। ୨୯ ତାରିଖ ସକାଳୁ ସେ ପୁରୀ ଛାଡ଼ିଥିଲେ। ନିଜ ତିନିଦିନ ଭ୍ରମଣରେ ଗାନ୍ଧିଜୀ ଆର୍ଥିକ, ଭୌଗୋଳିକ ଓ ସାମାଜିକ ଦୃଷ୍ଟିକୋଣରୁ ପୁରୀକୁ ହୃଦୟଙ୍ଗମ କରିବାକୁ ପ୍ରଚେଷ୍ଟା କରିଥିଲେ। ଏହା ବ୍ୟତୀତ ସେ ୧୯୨୭ରେ ଦୁଇଦିନ ପାଇଁ ଏବଂ ୧୯୩୪ ମସିହାରେ ହରିଜନ ପଦଯାତ୍ରାରେ ପୁରୀ ଆସିଥିଲେ। ପଦଯାତ୍ରା ଅବସରରେ ଚନ୍ଦନପୁର ବଜାରରେ ଶୋଇଥିବାବେଳେ ସେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଏକ ଚିଠି ଲେଖିଥିଲେ। ଚିଠିରେ ଉଲ୍ଲେଖ ଥିଲା, ଏହି ପଦଯାତ୍ରା କେବଳ ପଦଯାତ୍ରା ନୁହେଁ, ଲୋକଙ୍କୁ ଜାଣିବା ଓ ମିଶିବା ଉଦ୍ଦେଶ୍ୟରେ ଏହି ଯାତ୍ରା କରୁଛି। ସେଠାରୁ ସେ ନିଜ ସ୍ତ୍ରୀ କସ୍ତୁରବାଙ୍କ ନିକଟକୁ 'ରାମ ଗୀତା' ନାମକ ଏକ ବହି ପଠାଇଥିଲେ। ଗାନ୍ଧିଜୀଙ୍କ ଜୀବନଶୈଳୀ ସମ୍ପର୍କିତ ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ଶହେ ଭାଗ ବିଶିଷ୍ଟ 'କଲେକ୍‌ଟେଡ ୱାର୍କ୍ସ ଅଫ ମହାତ୍ମା ଗାନ୍ଧୀ'ରେ ଏହି ସମସ୍ତ ପ୍ରସଙ୍ଗ ସମ୍ପର୍କରେ ଉଲ୍ଲେଖ ରହିଛି। କେବଳ ଜାତିର ଜନକ ଭାବେ ନୁହେଁ ନିଜେ ଜୀବନ ତମାମ ଆଦର୍ଶ ଓ ମୂଲ୍ୟବୋଧକୁ ପାଥେୟ କରିଥିବା ସେହି ପୂଜ୍ୟପ୍ରିୟ ବାପୁଜୀଙ୍କୁ ମୁଁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି।

ଡଃ. ଅରୁନ୍ଧତୀ ଦେବୀ, ସମ୍ପାଦିକା-ନିର୍ଦ୍ଦେଶିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

ଆମ୍ବେଦକରଙ୍କ ୧୩୧ତମ ଜନ୍ମଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ନେଉଳପୁରସ୍ଥିତ ମିଲଟନନଗର ଠାରେ ଦଳିତ ଆଦିବାସୀ, ସଂଖ୍ୟାଲଘୁ ମହାସଂଘ ଆନୁକୁଲ୍ୟରେ ସମ୍ବିଧାନ ପ୍ରଣୟେତା, ଭାରତ ରତ୍ନ ବାବା ଭୀମରାଓ ଆମ୍ବେଦକରଙ୍କ ୧୩୧ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ମହାସଙ୍ଘର ରାଜ୍ୟ ସଭାପତି ମୌଲାନା ଅସଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ କିଶାନ ପଣ୍ଡା, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଦେବରାଜ ବେହେରା, ମାହାସଂଘର ଉପସଭାପତି ସେକ କସିମୁଦ୍ଦିନ ଜିଲ୍ଲା ସଭାପତି ଅବଦୁଲ ନସିମ ପ୍ରମୁଖ ଯୋଗଦେଇ ବାବା ସାହେବ ୧୮୯୧ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ । ଦଳିତମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ତାଙ୍କ ଉଦ୍ୟମ ପଥପ୍ରଦର୍ଶକ ହୋଇଆସିଛି । ସମ୍ବିଧାନ ପ୍ରଣୟନ କରିବା ସହ ସେ ଭାରତର ପ୍ରଥମ ଆଇନମନ୍ତ୍ରୀ ହୋଇଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଅତିଥିଙ୍କୁ ଅନୁଷ୍ଠାନର ଯୁବ ସଭାପତି ମହେନ୍ଦ୍ର ସାମଲ ସ୍ୱାଗତ କରିଥିବା ବେଳେ ନେଉଳପୁର ପଂଚାୟତ ସଭାପତି ମହମ୍ମଦ ଜମାଲ ଅତିଥି ପରିଚୟ ପ୍ରଦାନ କରିଥିଲେ । ରାଜ୍ୟ ମହାସଂଘର ମହିଳା ସଭାନେତ୍ରୀ ନିର୍ମଳା ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

ଏପ୍ରିଲ ୧୬, ୧୭ ଓ ୧୮ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ରାଷ୍ଟ୍ରୀୟ ଅଧିବେଶନ

ଭୁବନେଶ୍ୱର (ପିଏନ୍) : ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ୨୧ତମ ରାଷ୍ଟ୍ରୀୟ ଅଧିବେଶନ ଆସନ୍ତା ଏପ୍ରିଲ ୧୬, ୧୭ ଓ ୧୮ ତିନିଦିନ ଧରି କୋରାପୁଟର ଜୟପୁର ସ୍ଥିତ ଏମଏସ୍ ସ୍ୱାମୀନାଥନ କୃଷି ଗବେଷଣା କେନ୍ଦ୍ର ଠାରେ ଅନୁଷ୍ଠିତ ହେବ ବୋଲି ରାଜ୍ୟ ସଂଗଠନର ସଭାପତି ରବି ରଥ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଏହି ଅଧିବେଶନରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ପ୍ରକାଶ ପାଇ ଆସୁଥିବା ୨୦୦ ସମ୍ବାଦପତ୍ରର ସମ୍ପାଦକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟତଃ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକୁ ବିଜ୍ଞାପନ ପ୍ରଦାନ କ୍ଷେତ୍ରରେ ସରକାର ସ୍ୱତନ୍ତ୍ର ନୀତି ପ୍ରଣୟନ ପାଇଁ ଅଧିବେଶନରେ ଦାବି କରାଯିବ। ଏଠାରେ ଉଲ୍ଲେଖ କରାଯାଇପାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୂତନ ବିଜ୍ଞାପନ ନୀତି ଯୋଗୁ କ୍ରମାଗତ ଭାବେ ଭାରତ ବର୍ଷ ତଥା ବିଭିନ୍ନ ରାଜ୍ୟରେ ପ୍ରକାଶ ପାଉଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ବହୁ ସମସ୍ୟା ଦେଇ ଗତି କରୁଛନ୍ତି। କରୋନା ମହାମାରୀ ଯୋଗୁ ପ୍ରୋତ୍ସାହନ ଅଭାବରୁ ଗତ ଦୁଇବର୍ଷରେ ଶହ ଶହ ସମ୍ବାଦପତ୍ର ବନ୍ଦ ହୋଇଗଲାଣି। ସବୁଠୁ ଆଶ୍ଚର୍ଯ୍ୟର କଥା ରାଜ୍ୟ ସରକାର ସାମ୍ବାଦିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହୁଥିବା ବେଳେ ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ସାମ୍ବାଦିକମାନଙ୍କୁ ରାଜ୍ୟ ସଚିବାଳୟକୁ ଯିବାକୁ ଅନୁମତି ଦିଆଯାଉନାହିଁ। ଏ ସମ୍ପର୍କରେ ମଧ୍ୟ ରାଜ୍ୟରେ ପ୍ରକାଶ ପାଉଥିବା ବୃହତ୍ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମମାନେ ମଧ୍ୟ ପ୍ରତିବାଦ କରିନାହାନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ଧାରାବାହିକ ଭାବେ ପ୍ରକାଶ ପାଉଥିବା ସମ୍ବାଦପତ୍ରଗୁଡ଼ିକୁ ସରକାରୀ ଅନୁମୋଦନ ପ୍ରଦାନ, କେନ୍ଦ୍ର ସରକାରଙ୍କ ଡିଏଭିପି ଅନୁମୋଦିତ ସମ୍ବାଦପତ୍ରଗୁଡ଼ିକ ପାଇଁ ଜାରି ବିଜ୍ଞାପନ ଦର ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟକାରୀ କରିବା, ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ରାଜ୍ୟସ୍ତରୀୟ ସାମ୍ବାଦିକମାନଙ୍କୁ ସରକାରୀ କ୍ୱାଟର ଭୁବନେଶ୍ୱରରେ ଯୋଗାଇବା, ଦିଲ୍ଲୀରେ ଥିବା ଇଣ୍ଡିଆନ ନ୍ୟୁଜ୍‌ପେପର ସୋସଇଟି ଭଳି ଓଡ଼ିଶାରେ ଏକ ଭବନ ନିର୍ମାଣ କରି ସମ୍ବାଦପତ୍ରର କାର୍ଯ୍ୟାଳୟ ପାଇଁ କୋଠରୀ ପ୍ରଦାନ କରିବା, କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସମ୍ପାଦକମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସହ ବୀମା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ଓଡ଼ିଶାରେ ସାମ୍ବାଦିକ ପେନସନ ଓ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବା ସମ୍ପର୍କରେ ବ୍ୟାପକ ବିଚାର ବିମର୍ଶ କରାଯିବ, ଭାରତ ବର୍ଷର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଦୁଇ ହଜାର ପ୍ରକାଶ ପାଉଥିବା ସମ୍ବାଦପତ୍ରଗୁଡ଼ିକୁ ଡିଏଭିପି ଅନୁମୋଦନ ଦେଉଥିବା ବେଳେ ରାଜ୍ୟ ସରକାରମାନେ ଏହି ପ୍ରକ୍ରିୟାକୁ ଲାଗୁ କରନ୍ତୁ ଏବଂ ଏହି ଅବସରରେ କେନ୍ଦ୍ର ଓ ରାଜ୍ୟର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଏ ସମ୍ପର୍କରେ ମହାସଂଘ ସଭାପତି ଶ୍ରୀ ରଥ ପ୍ରକାଶ କରିଛନ୍ତି।

ଦି'ବ୍ରେନରେ ବିଶ୍ୱ ଅଟିଜିମ ଦିବସ ପାଳିତ

କଟକ (ପିଏନ୍): ପ୍ରତିବର୍ଷ ୨ ଏପ୍ରିଲରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଥାଏ। ଏହି ଦିନକୁ ଅନ୍ତଜାତୀୟସ୍ତରରେ ବିଶ୍ୱ ଅଟିଜିମ ସ୍ୱୀକୃତ ଦିବସ ଭାବେ ମାନ୍ୟତା ମିଳିଛି। ଯାହାଫଳରେ ସାରା ବିଶ୍ୱବାସୀ ଅଟିଷ୍ଟିକ୍ ଲୋକମାନଙ୍କୁ ଗ୍ରହଣ କରିବା ସହଜ ହେବ। ପ୍ରଥମେ ସଂଯୁକ୍ତରାଷ୍ଟ୍ର ସାଧାରଣ ପରିଷଦ ପକ୍ଷରୁ ଏହି ଦିବସ ପାଳନର ଯୋଜନା କରାଯାଇଥିଲା। ୧ ନଭେମ୍ବର, ୨୦୦୭ରେ ପରିଷଦର ଓ୍ୱାଲ୍ଡ ଅଟିଜିମ୍ ସ୍ୱୀକୃତ ଦିବସ ପ୍ରସ୍ତାବ ପାରିତ ହୋଇ ୧୮ ଡିସେମ୍ବର, ୨୦୦୭ରେ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବ ପ୍ରଥମେ ସଂଯୁକ୍ତରାଷ୍ଟ୍ରର କାତାର ପ୍ରତିନିଧି ଦ୍ୱାରା ଦିଆଯାଇଥିଲା। ୨ ଏପ୍ରିଲ, ୨୦୦୮ରେ ପ୍ରଥମଥର ପାଇଁ ବିଶ୍ୱ ଅଟିଷ୍ଟିକ୍ ସ୍ୱୀକୃତ ଦିବସ ପାଳନ ପାଇଁ ସଂଯୁକ୍ତରାଷ୍ଟ୍ର ପକ୍ଷରୁ ବାଧ୍ୟତାମୂଳକ କରାଗଲା। ଅଟିଜିମ୍ ହେଉଛି ଏମିତି ଏକ ମାନସିକ ସ୍ଥିତି, ଯାହା ଜନ୍ମବେଳୁ ଆରମ୍ଭ ହୋଇଥାଏ। ଏହାଦ୍ୱାରା ଅନ୍ୟମାନଙ୍କ ସହ କଥାବାର୍ତ୍ତା କରିବା, ସାମାଜିକ ସମ୍ପର୍କ, ସାଧାରଣ ବ୍ୟବହାର ଆଦି କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। ଏହି ଦୁଃଖଦ ଘଟଣାକ୍ରମରେ ଡାକ୍ତର ଗୋପାଳ ଚନ୍ଦ୍ର କର, ସମ୍ରାଟ କର, ଅଶ୍ରୁମୋଚନ ସାହୁ ବଡ଼ ନିନ୍ଦା କରିଛନ୍ତି। କାରଣ ଡାକ୍ତରମାନଙ୍କୁ ଦ୍ୱିତୀୟ ଭଗବାନ କୁହାଯାଉଥିବାବେଳେ ସେମାନଙ୍କ ପାଇଁ ଏହିପରି ଦୁର୍ବ୍ୟବହାର ଅତ୍ୟନ୍ତ କଷ୍ଟଦାୟକ। କାର୍ଯ୍ୟକ୍ରମରେ ଡାକ୍ତର ଶୁଭଶ୍ରୀ ମିଶ୍ର ଓ ସମ୍ବିଦ କର ସାମିଲ ହୋଇଥିଲେ। ରାଜସ୍ଥାନର ଡାକ୍ତର ଅର୍ଚ୍ଚନା ଶର୍ମାଙ୍କ ମୃତ୍ୟୁ ଘଟଣାରେ ଦୃଢ଼ ପ୍ରତିବାଦ କରିଛନ୍ତି ଡାକ୍ତର ଛାତ୍ରଛାତ୍ରୀମାନେ। ଡାକ୍ତରଙ୍କ ଉପରେ ମାନସିକ ଚାପ ଓ ନିର୍ଯାତନା ବନ୍ଦ ହେଉବୋଲି ଦାବି କରିବା ସହିତ ଏହି ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଡାକ୍ତର ସମ୍ରାଟ କର ସମର୍ଥନ ଓ ସହଯୋଗ ଦେବା ସହ ଦୁଃଖ ପ୍ରକାଶ କରିଥିଲେ ଓ ସରକାର ତୁରନ୍ତ ଏହା ଉପରେ ନିଷ୍ପତ୍ତି ନିଅନ୍ତୁ ବୋଲି ଦାବୀ କରିଛନ୍ତି।

ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ବିଶାଳ ବାଇକ ଶୋଭାଯାତ୍ରା

କଟକ (ପିଏନ୍): ପବିତ୍ର ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ହିନ୍ଦୁ ଜାଗରଣ ମଂଚ ତରଫରୁ ବିଶାଳ ବାଇକ ଶୋଭାଯାତ୍ରା କଟକ ମହାନଗରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ବାଇକରେ ଯୁବକମାନେ ଦିନ ୧୧ ଘଟିକାରୁ ବାହାରି ଶୋଭାଯାତ୍ରାରେ କଟକ ସହର ପରିକ୍ରମା କରିଥିଲେ । ସଭିଙ୍କ ହାତରେ ଥିଲା ଗୈରୀକ ପତାକା ଏବଂ ମୁଖରେ ଥିଲା 'ଜୟ ଶ୍ରୀରାମ ଧ୍ୱନୀ' । ଏହି ବାଇକ ଶୋଭାଯାତ୍ରା ଷ୍ଟାଡିୟମ ପଡିଆ, ଚଣ୍ଡିଛକ, ବସ୍ତିବଜାର, ମଣିସାହୁ ଛକ, ମଙ୍ଗଳାବାଗ, ରାଣୀହାଟ, କଲେଜଛକ, ଯୋତ୍ରା, ନୂଆ ବଜାର, ଓଏମ୍‌ପି ଛକ, ପ୍ରେସ ଛକ ଦେଇ ଖାନ୍ ନଗର ପଂଚମୁଖି ମନ୍ଦିର ନିକଟରେ ପହଁଚିଥିଲା । ଏଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପୂର୍ବ କ୍ଷେତ୍ରର ଧର୍ମ ଜାଗରଣ ସମନ୍ୱୟ ପ୍ରମୁଖ ବିନୟ କୁମାର ଭୂୟା ଯୋଗଦାନ କରି ପଣା ସକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳନର ଆବଶ୍ୟକତା ବିଷୟରେ ଉଦ୍‌ବୋଧନ ଦେଇଥିଲେ । ସେ କହିଛନ୍ତି, ଶ୍ରୀ ହନୁମାନ ଯେପରି ଭଗବାନ ଶ୍ରୀରାମଙ୍କ କାର୍ଯ୍ୟ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ ସେହିପରି ବର୍ତ୍ତମାନର ଯୁବସମାଜ ରାଷ୍ଟ୍ରକାର୍ଯ୍ୟ ନିମନ୍ତେ ନିଜକୁ ଉତ୍ସର୍ଗ କରିବାକୁ ଚାହୁଁଛନ୍ତି । ସୀତାମାତାଙ୍କୁ ନାରୀ ଜାତିର ଆଦର୍ଶ ମନେକରୁଥିବା ଆଜିର ଯୁବସମାଜ ଆଗରେ ଲଭ ଜୀହାଦ୍, ଅପହରଣ, ବଳାତ୍କାର ତଥା ଧର୍ମାନ୍ତରଣ ଭଳି ସମ୍ବେଦନଶୀଳ ଘଟଣା ଦୈନନ୍ଦିନ ଘଟି ଚାଲିଛି । ଗୋ-ମାତାଙ୍କ ଅବାଧ ହତ୍ୟା ଭାରତୀୟ ମାତୃସମାଜ ପାଇଁ ଘୋର ଅପମାନ । ଏହାର ସମାଧାନ ପାଇଁ ଆଜିର ଯୁବସମାଜ ଅଣ୍ଟାଭିଡ଼ିଛି । ଉକ୍ତ ସଭାରେ ହିନ୍ଦୁ ଜାଗରଣ ମଂଚର ପ୍ରଦେଶ ସଂଗଠନ ସଂପାଦକ ତନ୍ମୟ ଦାଶ ତାଙ୍କ ମାର୍ଗଦର୍ଶନରେ କହିଲେ ପ୍ରଭୁ ଜଗନ୍ନାଥ ଓଡ଼ିଶାର ପରିଚୟ । ଜଗନ୍ନାଥ ସଂସ୍କୃତି ପ୍ରତ୍ୟକ ଓଡ଼ିଆଙ୍କ ପ୍ରାଣକେନ୍ଦ୍ର ତଥା ସ୍ୱାଭିମାନର ପ୍ରତୀକ। ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ନାମରେ ଓଡ଼ିଶା ସରକାର ବିଗତ ଦିନରେ ଶ୍ରୀମନ୍ଦିରର ପୁରାତନ ଐତିହ୍ୟକୁ ଧ୍ୱଂସ କରିଚାଲିଛନ୍ତି। ସେଥିପାଇଁ ହିନ୍ଦୁଜାଗରଣ ମଞ୍ଚ ପକ୍ଷରୁ ଶ୍ରୀମନ୍ଦିର ବଞ୍ଚାଅ ଅଭିଯାନ ପଣାସଂକ୍ରାନ୍ତି ଠାରୁ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ହିନ୍ଦୁଜାଗରଣ ମଞ୍ଚର ରାଜ୍ୟ ସଂଯୋଜକ ରଘୁନାଥ ବାରିକ, ରାଜ୍ୟ ଯୁବବାହିନୀ ପ୍ରମୁଖ ରାକେଶ ଧୂପର,ଜିଲ୍ଲା ସଂଯୋଜକ ଗୁରୁ ପ୍ରସାଦ ସାହୁ ଅନ୍ୟମାନଙ୍କ ମଧ୍ୟରେ ଜୟନ୍ତ ଦାଶ, ଅମିତ ରାଉତରାୟ, ଶୁଭମ ଆଚାର୍ଯ୍ୟ, ସରୋଜ ମିଶ୍ର, ଅଭୟ ଶାହା, ପିନାକୀ ପାର୍ଥସାରଥୀ, ସନୀ ପଟ୍ଟନାୟକ, ବିଷାଦ ନାୟକ, ରଣଦୀପ ରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହ ସମସ୍ତ ପ୍ରକାରର ଦାୟିତ୍ୱ ନିର୍ବାହ କରିଥିଲେ ।

ନବନିର୍ବାଚିତ ପରିଷଦର ପ୍ରଥମ ବୈଠକ

କୋଣାର୍କ (ପିଏନ୍): ବୁଧବାର କୋଣାର୍କ ଏନ୍‌ଏସିର ନବନିର୍ବାଚିତ ପରିଷଦର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସିର ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ କାକଟପୁର ବିଧାୟକ ତଥା କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା, ଜଗତସିଂହପୁର ସାଂସଦ ରାଜଶ୍ରୀ ମଲ୍ଲିକ ଓ ଏନ୍‌ଏସିର ଉପାଧ୍ୟକ୍ଷ ସୁରେଶଚନ୍ଦ୍ର ରାଉତରାୟଙ୍କ ସମେତ ୧୩ଟି ୱାର୍ଡର ସମସ୍ତ କାଉନସିଲର ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଥମ ବୈଠକରେ ନବନିର୍ବାଚିତ ଯୁବ କାଉନସିଲରମାନେ ଆନ୍ତର୍ଜାତିକ ପର୍ଯ୍ୟଟନ ସ୍ଥଳ କୋଣାର୍କର ମାଳ ମାଳ ସମସ୍ୟା ଉପସ୍ଥାପନ କରିଥିଲେ। ଦୀର୍ଘ ୫ ଦଶନ୍ଧି ଧରି କୋଣାର୍କର ଜମି ବେବନ୍ଦୋବସ୍ତ ସମସ୍ୟା, କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂଆ)କୁ ଏରିଆ ହସ୍ପିଟାଲର ମାନ୍ୟତା ସହିତ ଡାକ୍ତର ନିଯୁକ୍ତି, ଚନ୍ଦ୍ରଭାଗାଠାରେ ପ୍ରସ୍ତାବିତ ଦ୍ୱିତୀୟ ସ୍ୱର୍ଗଦ୍ୱାର ନିର୍ମାଣ, ଡ୍ରେନ୍ ସଫେଇ, କୋଣାର୍କ ବଜାର ସମେତ ବିଭିନ୍ନ ୱାର୍ଡରେ ବର୍ଷା ଜଳଠୁଳ ସମସ୍ୟା, ପ୍ରଚଣ୍ଡ ଖରାରେ ପାନୀୟ ଜଳ ସମସ୍ୟା, ହାଟ, ପୁଷ୍କରିଣୀ ଓ ପାର୍କିଂ ସମେତ ଅନ୍ୟାନ୍ୟ ସଇରାତ ନିଲାମରେ ଅନିୟମିତତା, ହୁ ହୁ ହୋଇ ବଢୁଥିବା ରାସ୍ତାକଡ ଜବରଦଖଲ ସମସ୍ୟା ସଂପର୍କରେ ନବ ନିର୍ବାଚିତ ଉପାଧ୍ୟକ୍ଷ ସୁରେଶଚନ୍ଦ୍ର ରାଉତରାୟ, କାଉନସିଲର ସମୟ ରଂଜନ ସାହୁ, ନିହାର ରଂଜନ ବେଉରା, ସ୍ୱପ୍ନା ଗୋଛାୟତ, ସୌମ୍ୟ ସୌରଭ ଦାଶ, ଦିଲ୍ଲୀପ କୁମାର ଦାସ, ଶୁଭସ୍ମିତା ପାତ୍ର ଓ ବିଶ୍ମୟର ବିଶ୍ୱାଳ ପ୍ରମୁଖ ବିଶଦ ଆଲୋଚନା କରିଥିଲେ। ପୁରୀରୁ କୋଣାର୍କ ରେଳଲାଇନ ନିର୍ମାଣ ନିମନ୍ତେ ପରିଷଦ ପକ୍ଷରୁ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କୁ ପଠାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ବିଭିନ୍ନ ସମୟରେ ସୂର୍ଯ୍ୟମନ୍ଦିର ସାମନା ଓ ବଜାର ଅଂଚଳରୁ ଉଚ୍ଛେଦ ହୋଇଥିବା ବ୍ୟବସାୟୀଙ୍କ ଥଇଥାନ ନିମନ୍ତେ ଦିଆଯାଇଥିବା ଯାଗାକୁ ବ୍ୟବସାୟୀମାନେ ନଯାଇ ପୁନଶ୍ଚ ମୁଖ୍ୟ ରାସ୍ତାକଡକୁ ଜବରଦଖଲ

ମୋ ସହର

ସାଗର ଗଙ୍ଗାର ନାଉରୀ - ସାର୍ ବିଜୟ ଚନ୍ଦ୍ର

ବିଶ୍ୱନିୟନ୍ତାଙ୍କ କ୍ରୁର ନିର୍ଦ୍ଦେଶରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷ ଲତା, କୀଟ ପତଙ୍ଗ ସମସ୍ତେ କାଳର କରାଳ ଗତିରେ ବିଲୀନ। ପ୍ରକୃତିର ଅପୂର୍ବ ଶୋଭା ସୂର୍ଯ୍ୟ, ଚନ୍ଦ୍ର, ତାରା ଓ ଗ୍ରହ ମଣ୍ଡଳ। ସୃଷ୍ଟିର ଚିତ୍ରରେ ଅନେକ ଚିତ୍ର, ବିଚିତ୍ର, ସୁନ୍ଦର କମନୀୟ, ନମନୀୟ ପ୍ରାଣ ଏବଂ ସେମାନଙ୍କ ମଧ୍ୟରେ ସର୍ବ ଶ୍ରେଷ୍ଠ ଈଶ୍ୱରଙ୍କ ପ୍ରଥମ ସୋପାନରେ ଆମ ମନୁଷ୍ୟ ସମାଜ। ମନୁଷ୍ୟର ପ୍ରକୃତି ଓ ଆକୃତି ପ୍ରତ୍ୟେକଙ୍କ ଠାରୁ ଭିନ୍ନ ଭିନ୍ନ। ସେହି ଭିନ୍ନ ଭିନ୍ନ ପରିମାପ କରିବା ପାଇଁ ରହିଛି ଅନନ୍ତ ଆକାଶ। ମାପକାଠି ମଧ୍ୟର ଅନିତ୍ୟ ଅସାର କ୍ଷଣ ଭଙ୍ଗୁର ମାୟା ମୋହ ସଂସାର ସାଗରକୁ ପାରି କରିବା ପାଇଁ ଗୁରୁ ହିଁ ବାଟ ଦେଖାନ୍ତି। ବୈଦିକ ଯୁଗରୁ ଏଯାବତ୍ ଭାରତୀୟ ସମାଜରେ ଗୁରୁଙ୍କ ସ୍ଥାନ ସ୍ୱତନ୍ତ୍ର ଓ ଶିର୍ଷରେ। ଗୁରୁ ନିଜର ସୁଖ ଓ ସ୍ୱାଚ୍ଛନ୍ଦକୁ 'ଜଳାଞ୍ଜଳି' ଦେଇ, ଶିଷ୍ୟର ହିତ ସାଧନ କରିବା ତାଙ୍କର ପରମ ଲକ୍ଷ୍ୟ ହୋଇଥାଏ। ସମାଜର ସଂଗଠନ ଓ ଜାତିର ନିର୍ମାଣ ଗୁରୁ ସଂପ୍ରଦାୟ ଉପରେ ନିର୍ଭରଶୀଳ। ଗୁରୁ ଯୁଗେ ଯୁଗେ ମହିୟାନ। ଗୁରୁଙ୍କଠାରେ ଦେବତ୍ୱର ସନ୍ଧାନ ପାଇ କୁହାଯାଇଛି "ଆଚାର୍ଯ୍ୟ ଦେବ ଭବ"। ଏହିପରି ସାମ୍ପ୍ରତିକ ସମାଜରେ ଜଣେ ଦେବୋପମ ଗୁରୁ ହେଉଛନ୍ତି ଚୌଧୁରୀ ବିଜୟ ଚନ୍ଦ୍ର ମିଶ୍ର। ଯିଏ ଦୂର ଦିଗ୍‌ବଳୟର ଆରପାରିରେ ଚନ୍ଦ୍ରମା, ତାଙ୍କରି ଜ୍ୟୋତ୍ସ୍ନାରେ ଆଲୋକିତ ମହକିତ ଉଲ୍ଲସିତ ଧରା ପୃଷ୍ଠ।

ଯେଉଁ ସମୟରେ ଦେଶ ପରାଧୀନତା ଶୃଙ୍ଖଳରେ ଆବଦ୍ଧ ସେହି ସମୟରେ ଏକ ମହନୀୟ ବ୍ୟକ୍ତିତ୍ୱ,ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ, ପ୍ରାବନ୍ଧିକ, କ୍ରୀଡାବିତ୍ ଶ୍ରୀଯୁକ୍ତ ଚୌଧୁରୀ ବିଜୟ ଚନ୍ଦ୍ର ମିଶ୍ର ୧୯୪୧ ମସିହା ଜାନୁୟାରୀ୧୫ ତାରିଖରେ ଜଗତ୍‌ସିଂହପୁରର ପଙ୍କପାଳ ଗ୍ରାମରେ ପିତା ଚୌଧୁରୀ ନରେନ୍ଦ୍ରନାଥ ମିଶ୍ର ମାତା ରଙ୍ଗଲତା ମିଶ୍ରଙ୍କ କୋଳ ମଣ୍ଡନ କରି ଜନ୍ମ ଗ୍ରହଣ କରିଥିଲେ। ଛୋଟ ସମୟରୁ ସେ ସାହାସୀ ଓ ଧୌର୍ଯ୍ୟର ପ୍ରତୀକ ଥିଲେ। ସେ କୁଜଙ୍ଗପ୍ରାଥମିକ ବିଦ୍ୟାଳୟରୁ ପାଠ ପାଢ଼ା ସାରି ରେଭେନ୍‌ସା କଲେଜିୟଟ୍ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିଥିଲେ। ତା ପରେ ସେ ରେଭେନ୍‌ସା କଲେଜରୁ ବିଏ ପାସ୍ କରି ଅନୁଗୁଳଠାରେ ବିଇଡି ପାସ୍ କଲେ। ତାପରେ କଳା ଜଗତରେ ନିଜକୁ ସେ ନିୟୋଜିତ କରି ନାଟ୍ୟ ନିର୍ଦ୍ଦେଶନା ଦେଇ ବେଶ୍ କିଛି ସମ୍ମାନ ସାଉଁଟି ପାରିଥିଲେ। ୧୯୬୧ ମସିହାରେ ସେ ପଙ୍କପାଳ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ଚାକିରୀରେ ଯୋଗଦେଇଥିଲେ। ଅନ୍ୟ ସସସ୍ତ ସରକାରୀ ଚାକିରୀକୁ ପଛରେ

ପକାଇ ଶିକ୍ଷାଦାନ ପରି ମହତ୍ କାର୍ଯ୍ୟରେ ଯୋଗଦାନ ତାଙ୍କୁ ଅତି ଆନନ୍ଦ ଦେଉଥିଲା। ସେ ପୁସ୍ତକଗତ ଜ୍ଞାନ ଅପେକ୍ଷା ଆତ୍ମ ଜ୍ଞାନର ବିକାଶ ଉପରେ ବିଶେଷ ଧ୍ୟାନ ଦେଉଥିଲେ। ୨୦ ବର୍ଷ ବୟସରେ ସେ ଆଶାଲତା ଦେବୀଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇ ଝିଅ ଓ ଗୋଟିଏ ପୁତ୍ର ସନ୍ତାନ ହୋଇଥିଲା। ସବୁବେଳେ ତାଙ୍କ ହସ ହସ ମୁହଁ, ପରକୁ ଆପଣାର କରିନେବାର କଳା, ସର୍ବପରି ନିଃସ୍ୱାର୍ଥପର ଜନ ସେବା ଯୋଗୁଁ ସେ

ସମାଜରେ ଶିକ୍ଷାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ସେ ନିଜ ପିଲାଙ୍କୁ ଭଲ ମଣିଷ କରି ଗଢ଼ି ତୋଳିବା ସହିତ ବିଭିନ୍ନ ଅନୁଷ୍ଠାନ ସହିତ ଯୋଡି ହୋଇଯାଇଥିଲେ। ସେ ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ସହିତ ଓ ମହା ବିଦ୍ୟାଳୟ ଗଠନ ଇତ୍ୟାଦିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମାନବ ଜାତିକୁ ପ୍ରେମ, ମୈତ୍ରୀ ଓ ଆତ୍ମୀୟତାର ରଜ୍ଜୁରେ ବାନ୍ଧି ମନୁଷ୍ୟ ଜୀବନକୁ ସରସ ସୁନ୍ଦର କରିବା ପାଇଁ ସର୍ବଦା ସେ ଚେଷ୍ଟିତ ଥିଲେ। ସେ ଭାଇଚାରାର ଏକ ପ୍ରତୀକ ଥିଲେ।

ବିଜୟ ସାର୍ ଥିଲେ ଜଣେ କ୍ରିଡା ପ୍ରେମୀ। ତାଙ୍କର ଚେଷ୍ଟାରେ କଟକ ତୃତୀୟ ଶିକ୍ଷା ମଣ୍ଡଳର ସମସ୍ତ ଖେଳ ପଙ୍କପାଳ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ହେଉଥିଲା। ତାଙ୍କ ପ୍ରେରଣାରେ ବହୁ ଖେଳ ପ୍ରେମୀ ଏ ଅଂଚଳରେ ସୃଷ୍ଟି ହେଉଥିଲେ। ଅନେକ ବିଭିନ୍ନ ସରକାରୀ ସଂସ୍ଥାରେ କ୍ରୀଡା ଯୋଗୁଁ କର୍ମମୟ ଜୀବନ ଆରମ୍ଭ କରିଥିଲେ। ତାଙ୍କର ଉଦ୍ୟମରେ ଭଲ୍ଲି ବଲ୍ ଖେଳ ଅବିଭକ୍ତ କଟକ ଜିଲ୍ଲାରେ, ଏ ଅଂଚଳ ବେଶ୍ ସୁନାମ ଅର୍ଜନ କରିଥିଲା। ଶିକ୍ଷକ ଭାବରେ ଛାତ୍ରଛାତ୍ରୀମାନଙ୍କୁ ସୁନ୍ଦର ମଣିଷଟିଏ ହେବା ପାଇଁ ପ୍ରେରଣା ଦେଉଥିଲେ। ସେ ଗୋପବନ୍ଧୁଙ୍କ ଭଳି ତାଙ୍କ ଜୀବନକୁ ଗଢ଼ି ତୋଳିଥିଲେ। ବିଜୟ ସାର୍ କର୍ମ ଭିତରେ ଜୀବନର ସତ୍ୟକୁ ମର୍ମେ ମର୍ମେ ଅନୁଭବ କରିଥିଲେ।

ବିଦ୍ୟାଳୟ ସାଂସ୍କୃତିକ କାର୍ଯ୍ୟକ୍ରମ ନିମିତ ଧାରାବାହିକ ଭାବେ ସେ ଲେଖିଆସୁଛନ୍ତି ସ୍ୱାଗତ ଓ ଉଦ୍‌ଯାପନୀ ସଂଗୀତ। ସେ ଥିଲେ ବଳିଷ୍ଠ ବ୍ୟକ୍ତିତ୍ୱର ଅଧିକାରୀ, ଯାହାର ଚରଣ ତଳେ ସମସ୍ତକ ସ୍ୱତଃ ଅବନତ ହୋଇଯାଏ। ସାମ୍ପ୍ରତିକ ସମୟରେ ତାଙ୍କପରି ଶିକ୍ଷକ ଦୁର୍ଲଭ। ସମ୍ମାନ ଓ ପୁରସ୍କାର ପଛରେ ନ ଗୋଡାଇ କର୍ତବ୍ୟର ଉପାସନାରେ ସେ ବ୍ରତୀ। ତାଙ୍କର ସତ୍ ଚେଷ୍ଟା ଓ ନିଷ୍ଠାପର କର୍ତବ୍ୟ ସମ୍ପାଦନ ଦ୍ୱାରା ସେ ନିଜକୁ ମହାନ୍ କରି ତୋଳିଥିଲେ । ପରିବେଶ ପାଇଁ ଜନ ସଚେତନା ତାଙ୍କୁ ଜନ ସାଧାରଣରେ ବେଶ୍ ଆଦୃତ କରିଥିଲା। ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇ ସେ ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିଲେ।

ଏହିଭଳି ଏକ ସମାଜସେବୀ, ଶିକ୍ଷାବିତ୍, କଳାକାର, କ୍ରୀଡାବିତ୍‌ଙ୍କ କର୍ମମୟ ଜୀବନର ଅବସାନ ଘଟିଲା। ସେହିଦିନ ଥିଲା ୨୦୨୨ ମସିହା ଅପ୍ରେଲ୍ ୯ ତାରିଖ ଶନିବାର। ମାତ୍ର ତାଙ୍କର ବିରଳ ବ୍ୟକ୍ତିତ୍ୱ ତାଙ୍କୁ ଅମର କରି ରଖିବ। ତାଙ୍କ ସୁନାମର ସୁମନ, ସୁବାଷ ମହକିତ କରୁଥିବ ଏ ମାଟିକୁ। ତାଙ୍କର ଅଭାବ ଏ ଅଂଚଳରେ ଶିକ୍ଷିତ ସମାଜ କେବେ ଭୁଲି ପାରିବ ନାହିଁ। ବିଜୟ ସାର୍ ସବୁଦିନ ଆମ ଭିତରେ ବଂଚିଥିବେ। ଜୀବନର ପରପାରିକୁ ଯାଇଥିଲେ ମଧ୍ୟ ତାଙ୍କର ଆଶୀର୍ବାଦ ଆମ ସମସ୍ତଙ୍କ ଉପରେ ନିଗାଡ଼ି ହୋଇ ପଡୁ।

ପାରାଦ୍ୱୀପଗଡ଼
କୁଜଙ୍ଗ, ଜଗତ୍‌ସିଂହପୁର
ମୋ- ୯୯୩୭୬୯୧୪୭୫

ସ୍ତମ୍ଭକାର ନବଘନ ଜେନାଙ୍କୁ ସଂବର୍ଦ୍ଧନା

ଧର୍ମଶାଳା,୧୫।୪(ପିଏନ୍): ଉତ୍କଳ ବିକାଶ ପରିଷଦ ୨୪ ତମ ବାର୍ଷିକ ଅଧିବେଶନ ଅବସରରେ ଓଡ଼ିଶା, ଝାଡ଼ଖଣ୍ଡ, ଷଡ଼େଇକଳା ଅଂଚଳରେ ବିଶେଷ କାର୍ଯ୍ୟ ସଂପାଦନ କରିଥିବା ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକର ଜାରକା ନିବାସୀ ସ୍ତମ୍ଭକାର ନବଘନ ଜେନାଙ୍କୁ ମାନପତ୍ର, ଉପଢୌକନ, ଖଣ୍ଡା, ଉତ୍ତରୀୟ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଛି। ଶ୍ରୀ ଜେନାଙ୍କର ଛାତ୍ର ଆନ୍ଦୋଳନରେ ସଂପୃକ୍ତି, ଗୋଷ୍ଠୀ ସଂପ୍ରସାରଣ ଶିକ୍ଷାଦାତା, ବିଭିନ୍ନ ସାହିତ୍ୟ, କଳା, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ ସହିତ ସଂପୃକ୍ତିକୁ ଆଧାର କରି ଏହି ସଂବର୍ଦ୍ଧନା ପ୍ରଦାନ କରାଯାଇଛି। ବିଷୁବ ସଂକ୍ରାନ୍ତି ଅବସରରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଉତ୍କଳ ବିକାଶ ପରିଷଦ ସଭାପତି ସୁଦର୍ଶନ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ପ୍ରାକ୍ତନ ନ୍ୟାୟାଧୀଶ ରଘୁନାଥ ବିଶ୍ୱାଳ ଅତିଥି ଭାବେ, 'ସମାଜ' ପୂର୍ବତନ ସଂପାଦକ ଡ. ସତ୍ୟରାୟ, ବରିଷ୍ଠ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଶାସକ ମନ୍ମଥ କୁମାର ପାଣି, ପ୍ରଫେସର ନବଘନ ପରିଡ଼ା ଯୋଗଦେଇ ଶ୍ରୀ ଜେନାଙ୍କୁ ସଂବର୍ଦ୍ଧନା ପ୍ରଦାନ କରିଥିଲେ। ଏଥିପାଇଁ ଧର୍ମଶାଳାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କ୍ୟାପ୍‌ଟେନ୍ ତ୍ରିଲୋଚନ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲ, ରମାକାନ୍ତ ଜେନା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

ଗ୍ରୀନ୍ ଅକ୍ସଫୋର୍ଡ଼ ମଡ଼େଲ ସ୍କୁଲର ପୁରାତନ ଛାତ୍ରଛାତ୍ରୀଙ୍କ ମହାବିଷୁବ ସଂକ୍ରାନ୍ତରେ ବନ୍ଧୁ ମିଳନ

ଯାଜପୁର ୧୫/୪ : ଯାଜପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ରୀନ ଅକ୍ସଫୋର୍ଡ଼ ମଡ଼େଲ ସ୍କୁଲର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଓଡ଼ିଆ ନବବର୍ଷ ମହାବିଷୁବ ସଂକ୍ରାନ୍ତିରେ ସ୍କୁଲ ପରିସରରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ସତ୍ୟ ରଂଜନ ପତିଙ୍କ ଉପସ୍ଥିତିରେ ଅନୁଷ୍ଠାନର ଅଧ୍ୟକ୍ଷ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ସାଂସଦ ଅଞ୍ଚଳ ଦାସ ଯୋଗଦେଇ ମା'ବିରଜାଙ୍କ ପୁଷ୍ପମାଲ୍ୟ ଦେଇ ପିଲାମାନଙ୍କ ସହିତ ନିଜର ଶିକ୍ଷକତା ଜୀବନୀ ସମ୍ପର୍କରେ ମତବ୍ୟକ୍ତ କରିବା ସହିତ ଛାତ୍ରଛାତ୍ରୀଙ୍କ ଗୁରୁଙ୍କ ନିବିଡ଼ ସମ୍ପର୍କରେ ନିଜର ଅଭିମତ ରଖିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଶଶୀଭୂଷଣ ରାଉତରାୟ ଯୋଗଦେଇ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ପଂଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ଧର୍ମଶାଳା,୧୫।୪(ପିଏନ୍): ଧର୍ମଶାଳା ବ୍ଲକ ଜାରକା ନିକଟ ଜେମାଶୁଣୀ ପୀଠ ପରିସରରେ ଧର୍ମଶାଳା ଗାୟତ୍ରୀ ପରିବାର ପକ୍ଷରୁ ପଂଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଗତକାଲିଠାରୁ ଆରମ୍ଭ ହୋଇଛି। ଏହି ଯଜ୍ଞ ୩ ଦିନ ଧରି ଚାଲିବ। ଆଜି ମହାବିଷୁବ ସଂକ୍ରାନ୍ତି ଅବସରରେ ଅନୁଷ୍ଠିତ ପଂଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞରେ ଧର୍ମଧ୍ୱଜା ଉତୋଳନ କରାଯାଇଥିଲା। ମହିଳାମାନେ ବ୍ରାହ୍ମଣୀ ନଦୀରୁ ଏକ କଳସ ଶୋଭାଯାତ୍ରାରେ ପୀଠକୁ ଆସିଥିଲେ।ସଂଧ୍ୟାରେ ଶାନ୍ତିକୁଂଜ ପ୍ରତିନିଧିଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତାକାଲି ମଙ୍ଗଳଆରତୀ, ସମୂହ ସାଧନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶେଷ ଦିବସରେ ନଗର ପରିକ୍ରମା କରାଯିବା ସହ ଯଜ୍ଞରେ ପୂର୍ଣ୍ଣାହୂତି ଦିଆଯିବ ବୋଲି ଗାୟତ୍ରୀ ପରିବାର ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମକୁ ଗାୟତ୍ରୀ ପରିବାରର ମୁଖ୍ୟ ଦାମୋଦର ସେନାପତି, ଡ. ଚନ୍ଦ୍ରମଣି ନାୟକ, ପ୍ରାଣକୃଷ୍ଣ ସାମଲ, ନବଘନ ମହାନ୍ତି, ଗୋଲକ ମହାରଣା, ଅଭିରାମ ନାୟକ, ବିବେକାନନ୍ଦ ଜେନା, ମଦନମୋହନ ବିଶ୍ୱାଳଙ୍କ ସମେତ ବହୁ ସଦସ୍ୟ ପରିଚାଳନା କରୁଛନ୍ତି।

AFFIDAVIT

By Virtue of an Affidavit sworn before Executive Magistrate, Bhadrak Affidavit No. 243, dtd. 04.04.2022, I Rubina Robinson, aged 38 years, D/o- Robinson, At- Mount Carmel Provincialte, Arvind Vihar, Huzur, Bhopal (Madhya Pradesh), at present Carmel School, Ichhapur, Dist-Bhadrak declare that in my HSC Certificate my name has been mentioned as Rubina Rabinsan, D/o- Rabinsan and in my PAN and Aadhhar my name correctly has been mentioned as Rubina Robinson, D/o- Rabinson instead of my father's name is Robinson. 'Rabinsan', 'Rabinson' & 'Robinson' is same and one person. My actual name is Rubina Robinson and my father's name is Robinson and I will be known as the above name in all purposes.

Sd/-
Rubina Robinson

ପାଞ୍ଚବର୍ଷ ହେବ ଜିଲ୍ଲା ଶ୍ରମ ଅଧିକାରୀ ନାହାନ୍ତି କେନ୍ଦ୍ରାପଡାରେ: କିନ୍ତୁ ପ୍ରଶାସନ ପଲ୍ଲାରେ

କେନ୍ଦ୍ରାପଡା,୧୫।୪ : କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ଅଧିନ ଡିକନପୁର ଗ୍ରାମପଞ୍ଚାୟତର ବେହୁଳ ଗ୍ରାମଦେବତୀଙ୍କ ବୀଜେସ୍ଥଳୀ ଠାରେ ବରିଷ୍ଠ ନିର୍ମାଣ ଶ୍ରମିକ ନିତ୍ୟାନନ୍ଦ ସାମଲଙ୍କ ସଭାପତିତ୍ୱରେ ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଙ୍ଘ ଗରଦପୁର ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଶିଷ୍ଟ ଶ୍ରମିକନେତା ତଥା ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡା ଜିଲ୍ଲାରେ ନିର୍ମାଣ ଶ୍ରମିକମାନଙ୍କର ଥିବା ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶ୍ରୀ ତ୍ରିପାଠି ତାଙ୍କ ବକ୍ତବ୍ୟରେ ଦୀର୍ଘ୫ବର୍ଷରୁ ଉର୍ଦ୍ଧ୍ୱ ହେବ କେନ୍ଦ୍ରାପଡା ଜିଲ୍ଲାରେ ଶ୍ରମ ଅଧିକାରୀ ନଥିବା ବେଳେ ନିର୍ମାଣ ଶ୍ରମିକମାନଙ୍କ ସମସ୍ୟା ସମାଧାନ ହୋଇ ପାରୁନଥିବା ଏକ ପ୍ରମୁଖ କାରଣ। ଜିଲ୍ଲାର ସମସ୍ତ ନିର୍ବାଚିତ ପ୍ରତିନିଧିମାନେ ସବୁଜାଣି ଅଜଣା ହୋଇ ରହୁଛନ୍ତି ଓ ପ୍ରଶାସନ ପଲ୍ଲାରେ ଡିଣ୍ଡିମ ପିଟୁଛି। ସରକାରଙ୍କ କୋଭିଡ ସହାୟତା ହଜାର ହଜାର ନିର୍ମାଣ ଶ୍ରମିକ ଅଦ୍ୟାବଧି ପାଇ ନାହାନ୍ତି। ଅନ୍ୟାୟ ଭାବେ ମହିଳା ନିର୍ମାଣ ଶ୍ରମିକଙ୍କୁ ତାଙ୍କ ପଞ୍ଜିକରଣ ଦରଖାସ୍ତକୁ ବାଛି ଖାଲି ପୁରୁଷଙ୍କୁ ନିର୍ମାଣ ଶ୍ରମିକ ଭାବେ ପଞ୍ଜିକରଣ କରାଯାଇ ପରିଚୟପତ୍ର ପ୍ରଦାନ କରାଯାଉଛି। କେତୋଟି ନିର୍ଦ୍ଦିଷ୍ଟ ବ୍ଲକରେ ନିର୍ମାଣ ଶ୍ରମିକଙ୍କ ଝିଅ ବିବାହ ସହାୟତା ପ୍ରଦାନ କରାଯାଇନାହିଁ। ମନମୁଖୀ ଭାବେ ମୃତ ନିର୍ମାଣ ଶ୍ରମିକଙ୍କ ସହାୟତା ଆବେଦନ ଗ୍ରହଣ କରାନଯିବା ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବା ନେଇ ଶ୍ରୀ ତ୍ରିପାଠୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ବାରମ୍ବାର ଆଲୋଚନା, ବିକ୍ଷୋଭ କରାଯିବା ପରେ କେବଳ ପ୍ରତିଶ୍ରୁତି ପାଉଥିବା ବ୍ୟତିତ କୌଣସି ସମସ୍ୟା ସମାଧାନର ଆଶା ଦେଖାଯାଉନାହିଁ। ଏସବୁର ପୁଞ୍ଜିଭୁତ ଅସନ୍ତୋଷ ଦୁର୍ବାର ଆନ୍ଦୋଳନ ପାଇଁ ବାଟ କଢାଇ ନେବ ବୋଲି ଶ୍ରୀ ତ୍ରିପାଠୀଙ୍କ ସମେତ ସୁକାନ୍ତ ବାରିକ, ରଞ୍ଜିତା ମଳିକ, ଭାଗ୍ୟଧର ବେହେରା, ଫକୀର ମାହାଳି, ରମେଶ ବାରିକ, ମନ୍ମଥ ପଣ୍ଡା, ଅଜୟ ସେଠୀ ପ୍ରମୁଖ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଶେଷରେ ପ୍ରଦିପ୍ତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

ସଜେଇ ହେଲାଣି ଶହୀଦ ସ୍ମୃତି ଭବନ : ଆଜି ଠାରୁ ମୟୂରଭଂଜର ଗଣପର୍ବ ବଳାଙ୍ଗୀ ମହୋତ୍ସବ

ବାରିପଦା ତା ୧୫/୦୪ ମୟୂରଭଂଜ ଜିଲ୍ଲାର ମହାନ ଗଣପର୍ବ ବଳାଙ୍ଗୀ ମହତ୍‌ସୋବ ଚଳିତ ବର୍ଷ ଆଜି ଠାରୁ ଦୁଇଦିନ ଧରି ବାରିପଦାର ଶହୀଦ ସ୍ମୃତି ଭବନ ଠାରେ ପାଳିତ ହେବ ବୋଲି ଜଣା ଯାଇଛି । ମୟୂରଭଂଜର ଅବଲୁପ୍ତପ୍ରାୟ ଭାଷା ସାହିତ୍ୟ କଳା ସଂସ୍କୃତ ଓ ପର୍ଯ୍ୟଟନର ପୁନରୁଦ୍ଧାର ଓ ବିକାଶ ପାଇଁ ୨୦୦୩ ମସିହାରୁ ବାରିପଦାର ବୁଢାବଳଙ୍ଗ ଚିପଟ ଏବଂ ଇଟାଯୋଡି ନଦୀର ସଂଗମ ସ୍ଥଳରେ ପାଳିତ ହୋଇ ଆସୁଥିବା ଏହି ମହୋତ୍ସବ ବିଗତ ୨ ବର୍ଷ ଧରି କରୋନା କଟକଣା କାରଣରୁ ବନ୍ଦ ରହିଥିଲା । ଚଳିତ ବର୍ଷ କଟକଣା ଉଠି ଯାଇଥିଲେ ମଧ୍ୟ ମହୋତ୍ସବ ସ୍ଥଳ ନଦୀ ଭିତରକୁ ଥିବା ସଂଯୋଗୀ କରଣ ରାସ୍ତା ଗୁଡକ ଖରାପ ହୋଇ ଥିବାରୁ ଏବଂ ତୁରନ୍ତ ରାସ୍ତା ନିର୍ମାଣ ସମ୍ଭବ ନଥିବାରୁ ନଦୀବାଲିରେ ମହୋତ୍ସବ ଆୟୋଜନ କରିବା ସମ୍ଭବପର ହେଉ ନଥିବାରୁ ବାରିପଦା ଶହୀଦ ସ୍ମୃତି ଭବନ ପରିସର ରେ ଏପ୍ରିଲ ୧୬ ଓ ୧୭ ତାରିଖ ଦୁଇଦିନ ଧରି ସାହିତ୍ୟ ଆସର, ଆଲୋଚ଼ନା ଚ଼କ୍ର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ। ବହୁ ମାନ୍ୟଗଣ୍ୟ ଅତିଥିଙ୍କ ସହ ଜଲ୍ଲା ତଥା ଜଲ୍ଲା ବାହାରୁ ବହୁ ସାଂସ୍କୃତିକ ଅନୁଷ୍ଠାନ ନିଜର କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଥିବା ବେଳେ ଜିଲ୍ଲାର ବହୁ ସ୍ଥାନୀୟ ଯୋଗ୍ୟ କଳାକାର ମଧ୍ୟ ନିଜନିଜର କଳା କୌଶଳ ପ୍ରଦର୍ଶନ କରିବେ ବୋଲି ଜଣା ଯାଇଛି । ଏହି ମୋହତ୍ସବରେ ଦୁଇଦିନ ଧରି ବହୁ ସଂଖ୍ୟାରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ସହିତ କଳାକାର ମାନଙ୍କୁ ଉତ୍ସାହିତ କରିବାକୁ ମହୋତ୍ସବ କମିଟିର ସଭାପତି ବିଧାୟକ ରାଜକିଶୋର ଦାସ ଓ ସାଧାରଣ ସମ୍ପାଦକ ଶରତ ଚ଼ନ୍ଦ୍ର ନାୟକ ଏକ ପ୍ରେସ ବିବୃତି ମାଧ୍ୟମରେ ଅନୁରୋଧ ଜଣାଇଛନ୍ତି

ଓଡ଼ିଆ ନବବର୍ଷ ପାଳନ ଓ କବିତା ପାଠୋତ୍ସବ

ଧର୍ମଶାଳା,୧୫।୪(ପିଏନ୍): ସାହିତ୍ୟ ଚେତନାର ବାହକ। ଏହା ଏକ ହିତକର ଅସ୍ତ୍ର ସଦୃଶ ବୋଲି ବିଶିଷ୍ଟ ସାହିତ୍ୟିକମାନେ ମତ ପ୍ରକାଶ କରିଛନ୍ତି। ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଗତକାଲି ସନ୍ଧ୍ୟାରେ ଓଡ଼ିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତି ଓ ବିଷୁବ କବିତା ପାଠୋତ୍ସବ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡକ୍ଟର ବିଜୟ କୁମାର ଶତପଥୀ ଓ ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଡକ୍ଟର ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ପାଳନର ତାତ୍ପର୍ଯ୍ୟ ସଂପର୍କରେ ଆ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ

Bhubaneswar Saturday April 16, 2022 | ଭୁବନେଶ୍ୱର ଶନିବାର, ଅପ୍ରେଲ ୧୬,୨୦୨୨ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ଗୋବିନ୍ଦପୁରରେ ବସୁଧା ଯୋଜନାରେ ଜଳ ଯୋଗାଣ ପ୍ରହସନ,ବିଶୁଦ୍ଧ ପାଣି ପାଇବାରୁ ବଂଚିତ ଗ୍ରାମବାସୀ

ବେଗୁନିଆ, (ପିଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ ବଡବେରଣା ପଂଚାୟତର ଗୋବିନ୍ଦପୁର ଗ୍ରାମର ଜନସାଧାରଣ ବିଶୁଦ୍ଧ ପାଣି ପାଇବାରୁ ବଂଚିତ ହୋଇ ଖୋଲାକୂପ ଓ ପୋଖରୀର ଦୂଷିତ ପାଣି ବ୍ୟବହାର କରି ଆସୁଛନ୍ତି । ତେବେ ଏହି ଗ୍ରାମର ମୋଟ ଲୋକସଂଖ୍ୟା ୧୨ ଶହ ହୋଇଥିବା ବେଳେ ୮ ରୁ ଉର୍ଦ୍ଧ୍ୱ ନଳକୂପ ଗୁଡିକ ମରାମତି କରା ନଯିବାରୁ ଖରାପ ହୋଇ ପଡି ରହିଛି । ଗତ ୨୦୦୫ ମସିହାରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଶୁଦ୍ଧ ପାଣି ପାଇବା ପାଇଁ ବସୁଧା ଯୋଜନାରେ ଜଳଯୋଗାଣ ପ୍ରକଳ୍ପର ଆରମ୍ଭ ହୋଇଥିଲା । କିଛି ବର୍ଷ ଧରି ଅସ୍ଥାୟୀ ପମ୍ପ ଚାଳକ ନିଯୁକ୍ତ ହୋଇ ରକ୍ଷଣାବେକ୍ଷଣ କରି ନିୟମିତ ଭାବରେ ଜଳ ଯୋଗାଣ କାର୍ଯ୍ୟ ଠିକ ଭାବରେ ଚାଲୁଥିବା ବେଳେ ତାଙ୍କୁ ଏଥିରୁ ନିବୃତ କରାଯାଇ ପଂଚାୟତର ପମ୍ପ ଚାଳକୁ ନିଯୁକ୍ତ କରାଯାଇଥିଲା । ଏହି ପଂଚାୟତର ପମ୍ପ ଚାଳକ ଜଣକ କିଛି ଦିନ ଧରି ଜଳ ଯୋଗାଣ କାର୍ଯ୍ୟରେ ନିୟୋଜିତ ରହିଥିବା ବେଳେ ସଠିକ ଢଙ୍ଗରେ ରକ୍ଷଣାବେକ୍ଷଣ କରି ନ ପାରିବାରୁ ଜଳଯୋଗାଣରେ ବ୍ୟାଘାତ ସୃଷ୍ଟି କରିଥିଲା । ଦୀର୍ଘ ତିନି ବର୍ଷ ଧରି ଗ୍ରାମବାସୀମାନେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଂଚିତ ହୋଇ ଦୂଷିତ ପାଣି ବ୍ୟବହାର କରି ଆସୁଛନ୍ତି । ଏ ନେଇ ବେଗୁନିଆ ବ୍ଲକ ଜଳ ଯୋଗାଣ ଅଧିକାରୀ ରଜନୀକାନ୍ତ ପାଣିଗ୍ରାହୀଙ୍କୁ ଆମ ପ୍ରତିନିଧି ଯୋଗାଯୋଗ କରିବାରୁ ଜଳ ଯୋଗାଣ ପ୍ରକଳ୍ପର ପାରିପାର୍ଶିକ ଭିତି ଭୂମି ଠିକ ରହିଥିବା ବେଳେ ପମ୍ପ ଚାଳକର ଅଭାବ ହେତୁ ପାଣି ଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇଛି ।

କାର୍ଯ୍ୟକ୍ଷମ ହେଲା ଦୁଇଟି ସ୍ୱାସ୍ଥ୍ୟକେନ୍ଦ୍ର ଓ ତିନୋଟି କୋଭିଡ୍ କେୟାର ସେଂଟର

ଗଞ୍ଜାମ: ବ୍ରହ୍ମପୁରରେ ଆଜି ଠାରୁ ଆଉ ଦୁଇଟି ସ୍ୱାସ୍ଥ୍ୟକେନ୍ଦ୍ର କୋଭିଡ୍ ପାଇଁ ଆରମ୍ଭ ହୋଇଛି । ମୀନାକ୍ଷୀ ନଗର ଠାରେ ଥିବା ସରକାରୀ କୋଠାକୁ ୧ ଶହ ଶଯ୍ୟା ବିଶିଷ୍ଟ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ସହ ଅନ୍ଧ ପସରା ରୋଡ୍‌ରେ ଥିବା ଏକ ଛାତ୍ରାବାସରୁ ୨୫୦ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ଉଭୟ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ପ୍ରକାର ଚିକିତ୍ସା ସେବା ଯୋଗାଇଦେବା ବ୍ୟବସ୍ଥା ସହ ମୀନାକ୍ଷୀ ନଗର ଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଅକ୍ସିଜେନ ସଂଲଗ୍ନ ୧୦୦ ଶଯ୍ୟା ପ୍ରସ୍ତୁତ ରଖାଯାଇଛି । ଏହା ବ୍ୟତୀତ ଆଇଟିଆଇ ଇଞ୍ଜିନିୟରିଂ ସ୍କୁଲ ଛାତ୍ରାବାସ ସହିତ ବିଦ୍ୟୁତ ପୁରୀ କଲୋନୀ ସରକାରୀ କୋଠାକୁ କୋଭିଡ୍ କେୟାର୍ ୟୁନିଟ୍ ଭାବେ ବ୍ୟବହାର କରାଯିବ । ଉକ୍ତ କୋଭିଡ୍ କେୟାର ସେଂଟରକୁ ରୋଗୀ ସିଧାସଳଖ ଯାଇ ନିଜର ନାମ ପଞ୍ଜିକୃତ କରିବା ସହ ଚିକିତ୍ସା ସୁବିଧା ଉପଲବ୍ଧ କରିପାରିବେ । ଯେଉଁମାନେ ସିଧାସଳଖ ଯାଇପାରୁନାହାଁନ୍ତି ସେମାନଙ୍କୁ ନିଗମ ପକ୍ଷରୁ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରିବାର ସମସ୍ତ ବନ୍ଦୋବସ୍ତ କରାଯାଇଛି । କୋଭିଡ୍ କେୟାର ସେଂଟରରେ ରହି ଚିକିତ୍ସିତ ହେଉଥିବା ବେଳେ ଯଦି ଅଧିକ ଚିକିତ୍ସାର ଆବଶ୍ୟକ ପଡେ, ତେବେ ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଓ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯିବ । ଏଥିପାଇଁ ନିଗମର କର୍ମଚାରୀ ୨୪ ଘଂଟିଆ ନିୟୋଜିତ ରହି କାର୍ଯ୍ୟ କରୁଛନ୍ତି ବୋଲି ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ସୂଚନା ଦେଇଛନ୍ତି । ଏହି ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକୁ ମଧ୍ୟ ମିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ପରିଦର୍ଶନ କରି ଏହାର ସ୍ଥିତି ଅନୁଧ୍ୟାନ କରିବା ସହ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ ।

ବାବା ଧବଳେଶ୍ୱରଙ୍କ ପ୍ରସାଦ ରନ୍‌ମୁଦି କାର୍ଯ୍ୟକ୍ରମ ଅନୁଷ୍ଠିତ

କୋରେଇ : କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଂଚାୟତର ବରପଦା ଗ୍ରାମର ବାବା ଧବଳେଶ୍ୱର ମନ୍ଦିରର ଦଧିନଉତି ବା ପ୍ରସାଦ ରନ୍‌ମୁଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜକୁ ୧୭ ବର୍ଷ ତଳେ ଗ୍ରାମର ନିରଂଜନ ପାଣିଗ୍ରାହୀ ଓ ଉପେନ୍ଦ୍ର ପରିଡା ବାବା ଧବଳେଶ୍ୱର ମନ୍ଦିରର ପରିକଳ୍ପନା କରି ବିଗ୍ରହ ସ୍ଥାପନା କରିଥିଲେ । ଭକ୍ତ ମାନଙ୍କ ବିଶ୍ୱାସ ଯୋଗୁ ମନ୍ଦିର କରାଯିବାକୁ ସ୍ଥିର ହୋଇଥିଲା । ପୂର୍ବତନ ବିଧାୟକ ପ୍ରତୀରଂଜନ ଘଡାଇ ଓ ଆକାଶ ଦାସ ନାୟକଙ୍କଅନୁଦାନରେ ମନ୍ଦିର ଅଗ୍ରଗତି ହୋଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇପାରିନଥିଲା । ଏହାକୁ ସମ୍ପୂର୍ଣ୍ଣ କରିବାକୁ ସହଯୋଗର ହାତ ବଢାଇଲା ଲିଙ୍ଗେଶ୍ୱର ଉନ୍ନୟନ କମିଟି । କମିଟି ମନ୍ଦିର ସମ୍ପୂର୍ଣ୍ଣ କରିବାର ନିଷ୍ପତି ନେବା ପରେ ଆଜି ଦଧି ନଉତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ବାଇକକୁ ପଛରୁ ବାଲି ବୋଝେଇ ଟ୍ରକ ଦେଲା ଧକ୍କା : ବାଇକ ଚାଳକ ସହ ୨ ମହିଳା ଆରୋହୀ ମୃତ

ବାରିପଦା: ବାରିପଦା ସହରର ମୁର୍ଗାବାଡ଼ିସ୍ଥିତ ମୟୂରଭଞ୍ଜ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ୧୮ ନମ୍ବର ଜାତୀୟ ରାଜପଥ ଉପରେ ଆଜି ପୂର୍ବାହ୍ନରେ ଏକ ବାଇକକୁ ପଛରୁ ଧକ୍କାଦେଇଥିଲା ବାଲି ବୋଝେଇ ହୋଇଥିବା ଓଡ଼ି ୧୧ ଆର ୪୮୪୯ ନମ୍ବର ବିଶିଷ୍ଟ ୪୦୭ ଟ୍ରକ । ଫଳରେ ବାଇକ ଚାଳକ ରାସ୍ତା ଉପରକୁ ଛିଟିକି ପଡ଼ି ଗୁରୁତର ଭାବେ ଆହତ ହୋଇଥିବା ବେଳେ ପଛରେ ବସିଥିବା ୨ ଜଣ ମହିଳା ଉପର ଦେଇ ଟ୍ରକଟି ମାଡ଼ି ଯିବାରୁ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ଘଟାଇବା ପରେ ଟ୍ରକଟି ନ ଅଟକି ଦ୍ରୁତ ବେଗରେ ଫେରାର ହୋଇଯାଇଥିଲା । ଖବରପାଇ ବାରିପଦା ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଁଚି ଆହତ ବାଇକ ଚାଳକକୁ ୧୦୮ ଆମ୍ବୁଲାନ୍ସ ଯୋଗେ ପିଆରଏମ ମେଡ଼ିକାଲକୁ ତୁରନ୍ତ ଚିକିତ୍ସା ନିମନ୍ତେ ପଠାଇବା ସହ ମୃତ ମହିଳା ୨ ଜଣଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ମେଡ଼ିକାଲକୁ ପଠାଇଥିଲେ । ଏଥି ସହିତ ଫେରାର ହୋଇଯାଇଥିବା ଟ୍ରକଟିକୁ ଧରିବା ନିମନ୍ତେ ସମସ୍ତ ଥାନାର ସହାୟତା ନେଇଥିବା ବେଳେ କୁଳିଅଣା ଅଂଚଳରୁ ଦୁର୍ଘଟଣା ଘଟାଇ ଖସି ପଳାଇ ଯାଇଥିବା ଟ୍ରକକୁ ଜବତ କରିବାରେ ସଫଳ ହୋଇଥିଲେ । ଏହାକୁ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ତେବେ ମୃତ ମହିଳା ଦୁଇ ଜଣଙ୍କ ପରିଚୟ ମାଳତୀ ହେମ୍ରମ(୩୨) ଓ କାପୁରା ହାଁସଦାଃ(୨୫) ବୋଲି ଜଣାପଡ଼ିଥିଲା । କୁନ୍ରୁରାମ ହେମ୍ରମ(୪୨) ଏହି ଦୁଇ ଜଣଙ୍କୁ ବାଇକରେ ବସାଇ ରାଜପଥରେ କୁଳିଅଣାରୁ ଦାରୋଗାଡ଼ାହି ଦିଗରେ ଆସୁଥିବା ବେଳେ ପଛରୁ ଟ୍ରକଟି ଧକ୍କାଦେଇଥିବାର ଜଣାପଡ଼ିଛି । ସେହିପରି ପିଆରଏମ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ବାଇକ ଚାଳକ କୁନ୍ରୁରାମଙ୍କର ମୃତ୍ୟୁ ହୋଇଛି । ପୁଲିସ ପକ୍ଷରୁ ଶବଗୁଡ଼ିକୁ ଚହ୍ନଟ କରାଯବା ପରେ ବ୍ୟବଚ୍ଛେଦ କରାଯାଇଥିବାର ସୂଚନା ମିଳିଛି ।

ଦୁର୍ଘଟଣାକୁ ନେଇ ମାରପିଟ, ଜାତିଆଣା ନେଇ ଆକ୍ରମଣ, ବାଦ ପଡିଲେନି ମହିଳା, ଦୁଇ ମାମଲା ସହ ୩ ଅଟକ

କୋରେଇ: ଏକ ସମାନ୍ୟ ଦୁର୍ଘଟଣାକୁ କେନ୍ଦ୍ର କରି ଜାତିଆଣାକୁ ନେଇ ଏକ ଗ୍ରାମର ଅଧିବାସୀ ବହୁ ସଂଖ୍ୟାରେ ଅନ୍ୟ ଗ୍ରାମରେ ପଶି ମାରପିଟ କରିବା ସହ ମହିଳା ମାନଙ୍କୁ ମାରପିଟ କରିବା ନେଇ ଥାନାରେ ଅଭିଯୋଗ ପରେ ପୁଲିସ ୨ଟି ମାମଲା ରୁଜୁ କରିବା ସହ ଉଭୟ ଗୋଷ୍ଠୀର ୩ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି । ପ୍ରକାଶଯେ କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତର ମିର୍ଜାପୁର ଗ୍ରାମର ପ୍ରଦୀପ ମଲିକ ବାଇକ ଯୋଗେ ଯାଜପୁରରୋଡ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ସହ ଗାଁ ନିକଟରେ ଦୁର୍ଘଟଣା ଘଟିଥିଲା । ଫଳରେ ପ୍ରଦୀପ ସମାନ୍ୟ ଆହତ ହେବା ସହ ଉକ୍ତ ଟ୍ରକକୁ ଅଟକାଇଥିଲେ । ଏହାକୁ ନେଇ ଟ୍ରକ ଚାଳକ ସଂଖ୍ୟାଲଘୁ ସମ୍ପ୍ରଦାୟର ହୋଇଥିବା ବେଳେ ସେ ତାଙ୍କର ସର୍ମ୍ପକୀୟ ନିକଟସ୍ଥ ଶଗଡି ଗ୍ରାମକୁ ଫୋନ କରିଥିଲେ । କିଛି ବୁଝିବା ବଦଳରେ ଶଗଡି ଗ୍ରାମରୁ କିଛି ଯୁବକ ଆସି ମିର୍ଜାପୁର ଗ୍ରାମରେ ମାରପିଟ ଆରମ୍ଭ କରିଥିଲେ । ଏହି ମାରପିଟରେ ମହିଳାମାନେ ମଧ୍ୟ ଆହତ ହୋଇଥିଲେ । ଖବରପାଇ ଘଟଣାସ୍ଥଳେ ପୁଲିସ ପହଂଚିବା ପରେ ଉତେଜନା ହ୍ରାସ ପାଇଥିଲା । ଏନେଇ ପୁଲିସ ଶଗଡି ଗ୍ରାମର ଦୁଇ ଜଣ ଓ ହାଟସାହି ଗ୍ରାମର ଜଣଙ୍କୁ ଥାନାକୁ ଧରିଆଣିଥିଲା । ଉଭୟ ପକ୍ଷଙ୍କ ଅଭିଯୋଗ କ୍ରମେ ଦୁଇଟି ମାମଲା ରୁଜୁ ହେବା ସହ ୩ଜଣଙ୍କୁ ଅଟକ ରଖି ପୁଲିସ ଘଟଣାର ତଦନ୍ତ କରୁଛି । ଆହତ ମହିଳାମାନେ ଥାନାରେ ନ୍ୟାୟ ଦାବିରେ ବସିରହିଛନ୍ତି ।

କନ୍ଧମାଳ ଜିଲ୍ଲା ଗୋଛାପଡା ଅଂଚଳରୁ ୬୧୦ କିଗ୍ରା ଗଞ୍ଜେଇ ଜବତ

କନ୍ଧମାଳ:କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଅଂଚଳ ବାଗଡୁଙ୍ଗୁରିରେ ଜଣେ ବ୍ୟକ୍ତିଙ୍କ ଘରେ ଏବଂ ସେ କରିଥିବା ଦୋକାନରେ ଜିଲ୍ଲା ବାହାରକୁ ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ଖବର ପାଇ ଗୋଛାପଡା ଥାନା ପୋଲିସ ଚଢାଉ କରି ୧୨ଟି ବସ୍ତାରେ ୬୧୦ କିଗ୍ରା ଗଞ୍ଜେଇ ଜବତ କରିଛି । ଏହି ଚାଲାଣ ପାଇଁ ପ୍ରସ୍ତୁତି ଚଳାଇଥିବା ୪ ଜଣଙ୍କ ମଧ୍ୟରୁ ଜଣଙ୍କୁ ପୋଲିସ ଗିରଫ କରିଛି । ଘର ମାଲିକ ସମେତ ଅନ୍ୟ ୩ ଜଣ ପୋଲିସ ପହଂଚିବା ଖବର ପାଇ ସେଠାରୁ ଫେରାର ହୋଇଯାଇଥିବା ନେଇ ଫୁଲବାଣୀ ଏସଡିପିଓ ମହେନ୍ଦ୍ର କୁମାର ମୁର୍ମୁ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ଗୋଛାପଡା ଥାନା ଅଂଚଳରେ ଥିବା ବାଗଡୁଙ୍ଗୁରି ଗ୍ରାମର ପ୍ରଶନ୍ନ ଭୋଇ ନାମକ ଜଣେ ବ୍ୟକ୍ତି ତାର ବାସଗୃହ ଏବଂ ଦୋକାନରେ ଏହି ଗଞ୍ଜେଇକୁ ପଡୋଶୀ କଣ୍ଧମାଳକୁ ଚାଲାଣ କରିବା ଉଦେଶ୍ୟରେ ଗଚ୍ଛିତ ରଖିଥିବା ଖବର ପାଇବାପରେ ପୋଲିସ ପକ୍ଷରୁ ଗତ ଗୁରୁବାର ଦିନ ପୁର୍ବାହ୍ନରେ ଗୋଛାପଡା ଥାନା ଅଧିକାରୀ ତୃପ୍ତିକାନ୍ତ ନାୟକଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା । ଏହି ଚଢାଉରେ ବାଗଡୁଙ୍ଗୁରୀ ଗାଁର ଗଜେନ୍ଦ୍ର ବିଶିକୁ ଗିରଫ କରିବା ସଦିତ ଗଞ୍ଜେଇକୁ ଜବତ କରି ଗୋଛାପଡା ଥାନା ରେ ଏକ ମାମଲା ୩୧/୨୧ ରୁଜୁ କରି ଗିରଫ ଅଭୁକ୍ତକୁ ଆଜି କୋର୍ଟ ଚାଲାଣ କରିବା ସହିତ ଫେରାର ଅଭିଯୁକ୍ତ ମାନଙ୍କୁ ଖୋଜାଖୋଜି କରିବାରେ ଲାଗିଛି ।

୭ ଦିନ ଭିତରେ ଦୁରୁଆକୁ ଜାତିଗତ ପ୍ରମାଣ ପତ୍ର ପ୍ରଦାନ କରାଯାଉ ନଚେତ ଉପଜିଲାପାଳ କାର୍ଯ୍ୟାଳୟ ଘେରାଉ

ଜୟପୁର: ଦୁରୁଆ ଆଦିବାସୀ ମହିଳା ମହାସଂଘ ତରଫରୁ ଆଜି ଜୟପୁର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । କୁନ୍ଦୁରା ବ୍ଲକ ବାଗଦେରି ପଂଚାୟତର ବୁଦାଗୁଡା ଗ୍ରାମର ମହିଳା ମହାସଂଘର ସଦସ୍ୟ ମାନେ ଦ୍ୱାରସ୍ଥ ହୋଇ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଦୁରୁଆ ଛାତ୍ର ଛାତ୍ରୀ ଶିକ୍ଷା ଲାଭ କରିବା ସକାଶେ ତୁରନ୍ତ ଜାତିଗତ ପ୍ରମାଣ ପତ୍ର ଦେବା ପାଇଁ ଦାବି ହୋଇଛି । ଏନେଇ ଗତ ଏପ୍ରଲି ୭ ଓ ୮ ତାରିଖରେ ତୁରନ୍ତ ଦୁରୁଆ ଜାତିକୁ ଆଦିବାସୀ ପ୍ରମାଣ ପତ୍ର ଦେବା ଦାବିରେ କୁନ୍ଦୁରା ତହସିଲଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ । ଜୟପୁର ଉପ ଜିଲାପାଳ ହେମକାନ୍ତ ସାଙ୍କ ନିର୍ଦ୍ଦେଶରେ ଏଡିତବ୍ରୁ ପହଂଚି ବିକ୍ଷୋଭ କରିଙ୍କୁ ଲିଖିତ ଭାବେ ୭ ଦିନ ଭିତରେ ଦୁରୁଆ ଛାତ୍ର ଛାତ୍ରୀଙ୍କୁ ଆଦିବାସୀ ପ୍ରମାଣ ପତ୍ର ଦେଇ ବିଦ୍ୟାଳୟରେ ନାମ ଲେଖାଇବା ସହିତ ଛାତ୍ର ବାସରେ ରହିବା ସକାଶେ ପ୍ରତିଶ୍ରୁତି ଦେଇଥିଲେ । ପରେ ବିକ୍ଷୋଭକାରୀ ମାନେ ଧାରଣାରୁ ଓହରି ଥିଲେ । ଲିଖିତ ଦେବାର ୧୫ ଦିନ ବିତି ଯାଇଥିଲେ ବି ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଏନେଇ ଆଜି ମହିଳା ମହା ସଂଘର ଉପଦେଷ୍ଟା ଚନ୍ଦ୍ର ସଗରିଆଙ୍କ ନେତୃତ୍ୱେ ଆଜି ପୁଣି ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ତରୁନ୍ତ ଦାବି ପୁରଣ ନହେଲେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେବାକୁ ଚେତାବନି ଦେଇଛନ୍ତି । ଦୁରୁଆ ସମ୍ପ୍ରଦାୟକୁ ସମ୍ପୂର୍ଣ୍ଣ ଆଦିବାସି ମାନ୍ୟତା ଦେବା ସହ ଆଦିବାସୀ ମାନେ ପାଇବା ଭଳି ସମସ୍ତ ସୁବିଧା ଦିଆଯାଉ । କୋରାପୁଟ ଜିଲାର ପୋଚଡି ଜିଲାରେ ଦୁରୁଆ ଆଦିବାସୀ ମାନ୍ୟତା ଦିଆଯାଇଥିବା ବେଳେ କୋରାପୁଟ ଜିଲାରେ ପ୍ରଶାସନ ଜାଣି ଶୁଣି ଅବହେଳା କରୁଥିବା ଅଭିଯୋଗ କରିଛନ୍ତି । ୭ ଦିନ ମଧ୍ୟରେ ଆଦିବାସୀ ପ୍ରମାଣ ପତ୍ର ନ ମିଳିଲେ ଦୁରୁଆ ମାନେ ବାଧ୍ୟ ହୋଇ ଜନ ସାଧାରଣ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟବହାର କରି ଆସୁଥିବା ବାଦ୍ୟ ବାଜଣା ସହିତ ତହସିଲଦାର କୁନ୍ଦୁରା କାର୍ଯ୍ୟାଳୟରୁ ବାହାରି ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସହିତ ପଟୁଆରେ ଯାଇ କୋଭିଡ- ୧୯ ସମୟରେ ଧାରଣାରେ ବସିବାକୁ ବାଧ୍ୟ ହେବୁ ବୋଲି ଚେତାବନି ଦେଇଛନ୍ତି ।

ଓଡିଶାରେ ସ୍କିଲ୍ ଶିକ୍ଷାକୁ ଗୁରୁତ୍ୱ ଦେଇ ଯୁବ ସମାଜକୁ ଉଦ୍ୟମୀ କରିବାକୁ ପଡିବ : ଧର୍ମେନ୍ଦ୍ର ପ୍ରଧାନ

ଅନୁଗୋଳ/ଭୁବନେଶ୍ୱର, ୧୫।୪(ପି.ଏନ): ଓଡିଶାରେ ଦକ୍ଷତା ବିକାଶ ଓ ଶିକ୍ଷାକୁ ଗୁରୁତ୍ୱ ଦେଇ ଯୁବ ସମାଜକୁ ଉଦ୍ୟମୀ କରିବାକୁ ପଡିବ । ତିନିଦିନିଆ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲା ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗସ୍ତର ଅନ୍ତିମ ଦିନରେ ତାଳଚେରରେ ତିନୋଟି କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ ଶ୍ରେଣୀଗୃହ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ପରଦର୍ଶନ ସହ ସମୀକ୍ଷା କରିବା ଅବସରରେ ଏହା କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶୁକ୍ରବାର ପ୍ରଥମେ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିସ୍ୱରୂପା ହିଙ୍ଗୁଳା ମା'ଙ୍କ ପ୍ରସିଦ୍ଧ ନବଦିନାତ୍ମକ ଯାତ୍ରା ଅବସରରେ ହିଙ୍ଗୁଳା ମା'ଙ୍କ ଦର୍ଶନ କରିଥିଲେ । ଉଭାସ୍ଥଳୀରେ ପୂଜାର୍ଚ୍ଚନା କରିବା ସହ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ମନ୍ଦିର ପରିସରରେ ସଫେଇ କର୍ମଚାରୀ ଭାଇ ମାନଙ୍କୁ ଭେଟି ସେମାନଙ୍କ କାର୍ଯ୍ୟକୁ ପ୍ରଂଶସା କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ମା'ହିଙ୍ଗୁଳା ହେଉଛନ୍ତି ଶ୍ରୀକ୍ଷେତ୍ର ରୋଷଘର ଠାକୁରାଣୀ। ତାଙ୍କ କୃପା ବିଶ୍ୱବାସୀଙ୍କ ଉପରେ ସର୍ବଦା ରହିଥାଉ।ଏହାବତିତ ପୂଜାସ୍ଥଳରେ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଓ ସମସ୍ତ ଶ୍ରଦ୍ଧାଳୁଙ୍କୁ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ପୂଜାସ୍ଥଳ ସମେତ ସର୍ବସାଧାରଣରେ ପ୍ଲାଷ୍ଟିକ୍ ବିଶେଷ ଭାବରେ ସିଙ୍ଗଲ ୟୁଜ୍ ବା ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକର ବ୍ୟବହାର ବନ୍ଦ କରାଯିବା ଦରକାର ଏବଂ ଏହାକୁ ଜନଆନ୍ଦୋଳନର ରୂପ ଦେବା ପାଇଁ ପଡିବ ବୋଲି ସେ କହିଛନ୍ତି । ସେହିପରି ତାଳଚେର ବୃକ୍ଷରୋପଣ କରିବା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ । ପରବର୍ତୀ ପର୍ଯ୍ୟାୟରେ ତାଳଚେରରେ କେନ୍ଦ୍ରୀୟ ରାଷ୍ଟ୍ରାୟତ ଉଦ୍ୟୋଗ ଏମସିଏଲର ଜଗନ୍ନାଥ ଏବଂ ସୁଭଦ୍ରା ଅଂଚଳରେ ପ୍ରସ୍ତାବିତ ଦୁଇଟି କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ ଶ୍ରେଣୀଗୃହ ପରିଦର୍ଶନ କରିବା ସହ ବିଭାଗୀୟ କର୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀ ମାନଙ୍କ ସହ କଥା ହୋଇଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି ଅନୁସାରେ ଓଡ଼ିଶାରେ ଶିକ୍ଷାକୁ ସର୍ବବ୍ୟାପୀ, ସର୍ବ ସମାବେଶୀ ଓ ସୁଲଭ ମୂଲ୍ୟରେ ପ୍ରଦାନ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ । ସେହିପରି ଏମସିଏଲ ଏହି କାମରେ ସହଯୋଗୀ ହୋଇଥିବାରୁ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଶ୍ରୀ ପ୍ରଧାନ ସାଧୁବାଦ ଜଣାଇଛନ୍ତି । ଅନୁରୂପ ଭାବରେ କେନ୍ଦ୍ରମନ୍ତ୍ରୀ ତାଳଚେରର ପୁରଣା ଆରଟିଓ ବିଲଡିଂ ଠାରେ ଅନ୍ୟ ଏକ ପ୍ରସ୍ତାବିତ କେନ୍